## କୁଚିଣ୍ଡାରେ ପ୍ରଣବ ପ୍ରକାଶଙ୍କ ପାୱାର ସୋ'

# 'ଆପଣମାନେ ମାଲିକ, ବିଚାର କରିବାର ସମୟ ଆସିଛି'



**ସମ୍ବଲପୁର/ବାମରା, ୨୪।୪(ସମିସ)**

ଜୟ ମାଁ ସମଲେଇଶ୍ୱରୀ, ଜୟ ଜଗନ୍ନାଥ କହି କୁଚିଣ୍ଡା ନିର୍ବାଚନମଣ୍ଡଳୀ ବାମରାରେ ଆୟୋଜିତ ସାଧାରଣସଭାରେ ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଆପଣମାନେ ମାଲିକ, ବିଚାର କରିବାର ସମୟ ଆସିଛି ବୋଲି ତାଙ୍କ ଅଭିଭାଷଣ ଉପସ୍ଥିତ ଜନସାଧାରଣଙ୍କୁ ଭାବବିହ୍ୱଳ କରିଛି। ସେ ତାଙ୍କ ଭାଷଣରେ ସିଧାସଳଖ ବିଜେପି ଓ ପଶ୍ଚିମ ଓଡ଼ିଶାର ଏମ୍‌ପି ମାନଙ୍କୁ ଟାର୍ଗେଟ କରିଥିଲେ। ଗତ ପାଞ୍ଚବର୍ଷରେ କୁଚିଣ୍ଡା ବିଧାନସଭା ନିର୍ବାଚନମଣ୍ଡଳୀରେ ହୋଇଥିବା ବିକାଶ କାର୍ଯ୍ୟ ସର୍ମ୍ପକରେ ବଖାଣିଥିଲେ। ରାସ୍ତା, ଖେଳପଡ଼ିଆ, ୫-ଟି ସ୍କୁଲ ରୂପାନ୍ତରଣ ସର୍ମ୍ପକରେ କହିଥିଲେ। ନବୀନ ସରକାରଙ୍କ ରୂପାନ୍ତରଣ ବିରୋଧୀ ସହିପାରୁ ନାହାନ୍ତି। ତେଣୁ ସେମାନେ ବିକାଶ କାର୍ଯକୁ ବିରୋଧ କରୁଛନ୍ତି। ଏବେ ସେମାନଙ୍କୁ ଉଚିତ ଜବାବ ଦେବାର ସମୟ ଆସିଛି, ଆପଣମାନେ ଜବାବ ଦିଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲୋକଙ୍କୁ ମିଳୁନାହିଁ। କେନ୍ଦ୍ରୀୟ ଯୋଜନା ଓ କେନ୍ଦ୍ରୀୟ ଅନୁଦାନ ନ ପାଇବାରୁ ଏହି ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁର ଜିଲ୍ଲା ପ୍ରତି ଗୁରୁତ୍ୱ ଦିଅନ୍ତି। ସର୍ବାଙ୍ଗୀନ ଉନ୍ନତି କରାଯାଉଛି। ତେଣୁ ଆପଣମାନେ ମାଲିକ ଏବେ ବିଚାର କରିବା ସମୟ ଆସିଛି ବୋଲି କହିଥିଲେ। ଲୋକସଭା ପାଇଁ ମୁଖ୍ୟମନ୍ତ୍ରୀ ମୋତେ ଓ କୁଚିଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ରାଜେନ୍ଦ୍ର ଛତ୍ରିଆଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବିଜୟୀ କରନ୍ତୁ ବୋଲି ନିବେଦନ କରିଥିଲେ। ହଜାର ହଜାର ସଂଖ୍ୟାରେ ଜନସାଧାରଣ ତାଙ୍କୁ ସ୍ୱାଗତ କରିବାକୁ ପୂର୍ବପ୍ରସ୍ତୁତି ହୋଇଥିଲା। ବିଜୁ ପଟ୍ଟନାୟକ ଛକରେ ପହଞ୍ଚିବା ପରେ ସେଠାରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏକ ବିଶାଳ ବାଇକ ଶୋଭାଯାତ୍ରାରେ ତାଙ୍କୁ ଗୋବିନ୍ଦପୁରସ୍ଥିତ ଖେଳପଡ଼ିଆରେ ଆୟୋଜିତ ସଭା ପର୍ଯ୍ୟନ୍ତ ପାଛୋଟି ନିଆଯାଇଥିଲା। ବାଇକରେ କର୍ମୀମାନଙ୍କ ସହ ପ୍ରଣବ ବସି ସଭାସ୍ଥଳକୁ ଯାଇଥିଲେ। ପ୍ରଚାର ସମୟରେ ପ୍ରଣବ ପ୍ରକାଶଙ୍କ ସହିତ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ଉପସ୍ଥିତ ଥିଲେ। ସଭାସ୍ଥଳରେ ହଜାର ହଜାର ଜନସମାଗମ ହୋଇଥିଲା। ଏହା ବିଜେଡି ପାଇଁ ଶୁଭ ସଙ୍କେତ ବୋଲି ଦଳୀୟ ନେତାମାନେ କହିଛନ୍ତି।



## ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଆଶୀର୍ବାଦ ଭିକ୍ଷା

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଗସ୍ତରେ ଆସିଥିବା ସମୟରେ ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ବାମରା ସାଧାରଣ ସଭାରେ ଯୋଗ ଦେଇଥିଲେ। ବାମରା ଛକରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମ୍ୟାଲାର୍ପଣ କରି ଆଶୀର୍ବାଦ ନେଇଥିଲେ। ହଜାର ହଜାର ସଂଖାରେ ବିଜୁ ପ୍ରେମୀ ଯୋଗ ଦେଇଥିଲେ।





## ଶୁଣିଲେ ମହିଳାଙ୍କ ଅଭିଯୋଗ

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନମଣ୍ଡଳୀର ବାମରାଠାରେ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ସଭାସ୍ଥଳରେ ମହିଳମାନେ ଭେଟିଥିଲେ। ବାମରା ଅଞ୍ଚଳରେ ଥିବା ପାନୀୟ ଜଳ ସମସ୍ୟା ଓ ଅନ୍ୟାନ ସମସ୍ୟା ଉପରେ କହିଥିଲେ। ସମସ୍ତଙ୍କ ଅଭିଯୋଗ ଶୁଣିଥିଲେ ପ୍ରଣବ। ଆଲୋଚନା ମଧ କରିଥିଲେ। ହେଲେ ନିର୍ବାଚନ ଆଚରଣ ବିଧି ଲାଗିଥିବାରୁ କିଛି ପ୍ରତିଶ୍ରୁତି ଦେଇ ନଥିଲେ। ମହିଳାମାନେ ବିକାଶ ପୁରୁଷ ନବୀନ ପଟ୍ଟନାୟକଙ୍କୁ ଭରସା କରିବେ ବୋଲି କହିଥିଲେ।



## ସଭାରେ ଜନ ସମାଗମ; ବିକାଶଧାରାକୁ ସମର୍ଥନ

ସମ୍ବଲପୁର ଜିଲ୍ଲା କୁଚିଣ୍ଡା ନିର୍ବାଚନମଣ୍ଡଳୀର ବାମରାଠାରେ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ କୁଚିଣ୍ଡା ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଛତ୍ରିଆ ନିର୍ବାଚନୀ ପ୍ରଚାର କରିଛନ୍ତି। ବାମରା ବ୍ଲକ ସଭାରେ ପ୍ରାର୍ଥୀ ପ୍ରଣବ କହିଥିଲେ ଯେ, କୁଚିଣ୍ଡାବାସୀ ମୁଖ୍ୟମନ୍ତ୍ରୀଙ୍କ ବିକାଶ କାମକୁ ସମର୍ଥନ କରୁଛନ୍ତି। ବିକାଶଧାରା ବଜାୟ ରହିବ ସେ ନେଇ ଆଶୀର୍ବାଦ କରିବେ। ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ଡବଲ ଶଙ୍ଖରେ ଭୋଟ ଦେବେ। ଆଜି ଟାଣ ଖରାରେ ଏଭଳି ଜନସମାଗମ ମୁଖ୍ୟମନ୍ତ୍ରୀଙ୍କୁ କେତେ ଭଲ ପାଉଛନ୍ତି ପ୍ରମାଣିତ କରିଛି। ଏହାସହ କେନ୍ଦ୍ର ସରକାରଙ୍କ ବିରୁଦ୍ଧରେ କହିଥିଲେ। ପଶ୍ଚିମ ଓଡ଼ିଶା ଏମ୍‌ପିମାନେ କିଭଳି ବିକାଶରେ ବାଧା ଦେଉଛନ୍ତି ପଶ୍ଚିମ ଓଡ଼ିଶା ଅବହେଳା କରାଯାଉଛି। କୁଚିଣ୍ଡାରେ ନିର୍ବାଚିତ ଏମପି ୫ବର୍ଷ କୁଆଡେ ଯାଇଥିଲେ ବୋଲି ପ୍ରଶ୍ନ କରିଥିଲେ। ଆଜି ସଭାରେ ଯେଉଁଳି ଭାବେ ଲୋକଙ୍କ ଭଲ ପାଇବା ଦେଖା ଦେଇଥିଲା ଲୋକସଭାରେ ପରିବର୍ତ୍ତନ ଚାହୁଁଥିବା ଜଣାପଡୁଛି। ସଭାସ୍ଥଳକୁ ଆସି ଲୋକସଭା ପ୍ରାର୍ଥୀ ପ୍ରଣବ ମହିଳାମାନଙ୍କ ସହ ଆଲୋଚନା କରିଥିଲେ। ଜଣେ ସାଧାରଣ ବ୍ୟକ୍ତି ଭଳି ଆଚରଣ ଲୋକମାନଙ୍କୁ ଆକୃଷ୍ଟ କରୁଥିଲା। ସଭାରେ ଉପସ୍ଥିତ ମହିଳମାନେ କହୁଥିଲେ, ବିକାଶ କରିବା ପାଇଁ ନିଶ୍ଚିତ ଭାବେ ଡବଲ ଶଙ୍ଖରେ ଭୋଟ ଦେବେ। ୫ବର୍ଷ ହେଲା ଏମପିଙ୍କ ଦେଖା ମିଳି ନଥିଲା। ତାଙ୍କ ଅନୁଦାନ ମଧ ଦିଆଗଲା ନାହିଁ। ବିକାଶ କାମ ତ ଦୂର କଥା ଲୋକମାନେ ଭେଟିପାରିଲେ ନାହିଁ। ତେଣୁ ଚଳିତ ନିର୍ବାଚନରେ ଆଉ ଭୁଲ କରିବେ ନାହିଁ ବୋଲି କହୁଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ନିଜ ଅଞ୍ଚଳରୁ ଏକ ବଡ଼ ସଭା କରି ଶକ୍ତି ପ୍ରଦର୍ଶନ କରିଥିଲେ। ବିଶାଳ ବାଇକ ରାଲିରେ ପ୍ରାର୍ଥୀ ପ୍ରଣବ ପ୍ରକାଶଙ୍କୁ ପାଛୋଟି ନେଇଥିଲେ। ହଜାର ହଜାର ବାଇକ ରାଲିରେ ସାମିଲ ହୋଇଥିଲେ। ସଭାସ୍ଥଳରେ ମଧ ବିଜେଡି କରିଥିବା ବିକାଶର ହିସାବ ଦେଇ ଭୋଟ ଭିକ୍ଷା କରିଥିଲେ। ସ୍ଥାନୀୟ ନେତାମାନେ ବେଶ ଉତ୍ସାହିତ ଥିବା ଦେଖିବାକୁ ମିଳିଥିଲା।

## ଅଙ୍ଗନବାଡ଼ି କର୍ମୀ ନିଯୁକ୍ତି ପାଇଁ ଦାବିପତ୍ର

**ରେଢ଼ାଖୋଲ, ୨୪।୪(ସମିସ):** ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକ ଅଧୀନ ଜମୁଯୋରୀ ଗ୍ରାମପଞ୍ଚାୟତ କଇଁଗ ଗ୍ରାମରେ ଖାଲିପଡ଼ିଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ସକାଶେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଗ୍ରାମବାସୀ। ଗ୍ରାମର ଅଙ୍ଗନୱାଡ଼ି କେନ୍ଦ୍ରରେ ୩ବର୍ଷ ହେବ ଅଙ୍ଗନୱାଡ଼ି କର୍ମୀ ପଦ ଖାଲିପଡ଼ିଛି। ଏଥିପାଇଁ କଇଁଗ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଠାରେ ଲିଖିତ ଅଭିଯୋଗ କରିଥିଲେ। ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଯାହା ଫଳରେ ଗ୍ରାମର ଅନେକ ଶିଶୁ ଶିକ୍ଷାରୁ ବଞ୍ଚିତ ହୋଇ ଏଣେତେଣେ ବୁଲୁଛନ୍ତି। ଗତ କିଛିମାସ ତଳେ ନାକଟିଦେଉଳ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦରଖାସ୍ତ ଦେବାକୁ ଆହ୍ୱାନ କରିଥିଲେ। ଏଥିରେ ଗ୍ରାମର ଦୁଇଜଣ ଦରଖାସ୍ତ ପ୍ରଦାନ କରିଥିଲେ। କିନ୍ତୁ ବର୍ତ୍ତମାନ ସୁଦ୍ଧା ଶେଷ ପର୍ଯ୍ୟାୟରେ ଥିବା ସତ୍ତ୍ୱେ ଅଧିକାରୀମାନେ ନୂତନ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ଦେଇପାରି ନାହାଁନ୍ତି। ତେଣୁ ଯଥାଶୀଘ୍ର ଉପଯୁକ୍ତ କର୍ମୀ ଚୟନ କରି ନୂତନ ଅଙ୍ଗନୱାଡ଼ି କର୍ମୀ ଚୟନ କରାଯାଉ ବୋଲି ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଗ୍ରାମର ରଘୁ ଦେହୁରୀ, ପ୍ରମିଳା ନାଗ, ଦୁଃଖୀ ଦେହୁରୀ, ଜୟନ୍ତୀ ବେହେରା, ରଜନୀ ଦେହୁରୀ, ବୁଧାଇ ବସାତ୍, ଦୂତିକା ଦେହୁରୀ ପ୍ରମୁଖ ସମେତ ଗ୍ରାମର ବହୁ ସଂଖ୍ୟାରେ ମହିଳା ପୁରୁଷ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ରବି ଧାନକ୍ରୟ କମିଟି ବୈଠକ

# ମେ ୧୦ରୁ ରବି ଧାନ କ୍ରୟ ଆରମ୍ଭ

**ସମ୍ବଲପୁର, ୨୪।୪(ସମିସ):** ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ରବି ଋତୁ ଧାନ କିଣା ପାଇଁ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ଜିଲ୍ଲାସ୍ତରୀୟ କ୍ରୟ ସମିତି ଦ୍ୱାରା ଅନୁମୋଦିତ କ୍ରୟ ମେ ୧୦ ତାରିଖ ଠାରୁ ଧାନ କିଣା ଆରମ୍ଭ ହେବ। ୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ୩୦ଟି ପ୍ରାଥମିକ କୃଷି ସମବାୟ ସମିତି/ବୃହତ ଅଞ୍ଚଳ ବହୁମୁଖୀ ସମିତି ଅଂଶଗ୍ରହଣ କରିବେ। ମୋଟ ୬୧ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ। ଏଥିରେ ୪୭ ଜଣ କଷ୍ଟମ ମିଲର ଅଂଶଗ୍ରହଣ କରିବେ। ଏଥର ୧୫, ୫୬୮ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ସମୁଦାୟ ଯାଞ୍ଚ ହୋଇଥିବା ଚାଷୀଙ୍କ ସଂଖ୍ୟା ୧୫, ୫୩୪ ରହିଛି। ପି-ପାସ୍ (ଅନଲାଇନ୍ ମୋଡ୍ ରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ ଯେଉଁଠାରେ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ। କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ ପଠାଯିବ। କେବଳ ଆଧାର ପ୍ରମାଣୀକରଣ ଓ ଆଇରିସ୍ ସ୍କାନର ଜରିଆରେ ଧାନ କିଣାଯିବ। ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍ ଲାଇନ୍ ମୋଡ୍‌ରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ (ଏମ୍‌ଏସ୍ପି) ଜମା କରାଯିବ ଏବଂ ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ ଜମା କରାଯିବ। ସମସ୍ତ ପ୍ରସ୍ତାବିତ ମାର୍କେଟ୍ ୟାର୍ଡ ଓ ପିପିସି ଆସନ୍ତାକାଲିଠାରୁ କାର୍ଯ୍ୟକ୍ଷମ ହେବ। ସାଧାରଣ ଧାନ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୧୮୩ ଟଙ୍କା ଓ ଗ୍ରେଡ୍ 'ଏ' ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୨୦୩ ଟଙ୍କା ରହିଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ତାରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳି ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟ କୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବେ ତାହା ବାବଦରେ ଆଲୋଚନା କରାଗଲା। ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧି ମାନଙ୍କ ଦ୍ୱାରା ଆଗତ ଗତବର୍ଷ ଧାନ କ୍ରୟ ସମୟରେ



ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ନିର୍ବାଚନବର୍ଷ ହୋଇଥିବାରୁ ବୈଠକରେ ଉପସ୍ଥିତ ସମସ୍ତଙ୍କୁ ମେ'୨୫ ତାରିଖରେ ଯାଇ ମତଦାନ କରିବାକୁ ଜିଲ୍ଲାପାଳ ସମ୍ବଲପୁର ଜିଲ୍ଲାପାଳ ଅନୁରୋଧ କରିଥିଲେ। ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଅଜାମ୍ବର ମହାନ୍ତି, କୁଚିଣ୍ଡା ଉପଜିଲ୍ଲାପାଳ ହେମସାଗର ଭୋଇ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଗୌରୀ ଶଙ୍କର ସିଂ, ମୁଖ୍ୟ ସିଏସ୍‌ଓ ରାମଚନ୍ଦ୍ର ଟୁଡୁ, ଅତିରିକ୍ତ ସିଏସ୍‌ଓ ବୀରେନ୍ଦ୍ର ସୋରେଙ୍ଗ, ସୌଭାଗ୍ୟ ନାୟକ, ବିଶ୍ୱରଞ୍ଜନ ସାହୁ, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ।

## ରେଢ଼ାଖୋଲ ଇନ୍‌ଡୋର ଷ୍ଟାଡିୟମ

# କ୍ରୀଡ଼ାବିତ୍‌ଙ୍କ ପାଇଁ ଆଣିଛି ନୂତନତାର ସ୍ୱପ୍ନ



**ରେଢ଼ାଖୋଲ, ୨୪।୪(ସମିସ):** ରେଢ଼ାଖୋଲରେ ରାଜ୍ୟ ସରକାରଙ୍କ ରାଜ୍ୟ କ୍ରୀଡ଼ା ଭିତ୍ତିଭୂମି ବିକାଶ ପ୍ରକଳ୍ପ ଯୋଜନାରେ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ସ୍ଥାନୀୟ ଭୀମଭୋଇ ପାଠାଗାର ନିକଟରେ କରାଯାଇଛି। ଏହାକୁ ନେଇ ଖେଳାଳି ଓ ସାଧାରଣଲୋକଙ୍କ ମଧ୍ୟରେ ଆଣିଛି ଏକ ନୂତନତାର ସ୍ୱପ୍ନ। ଏହି ଇଣ୍ଡୋର ଷ୍ଟାଡିୟମ ୬କୋଟି ୧୭ଲକ୍ଷ ଅନୁଦାନରେ ନିର୍ମାଣ କରାଯିବା ସହିତ ବ୍ୟାୟାମଶାଳା ପାଇଁ ୨୦ଲକ୍ଷ ଟଙ୍କାର ଉପକରଣ କିଣାଯାଇଛି। ଷ୍ଟାଡିୟମ୍‌ରେ ବ୍ୟାଡମିଣ୍ଟନ ହଲ, ଟେବୁଲଟେନିସ, ଭାର ଉତ୍ତୋଳନ, ଶାରୀରିକ ବ୍ୟାୟାମଶାଳା, ଯୋଗ ଇତ୍ୟାଦି ରହିଛି। ଏହା ସହିତ ଖେଳାଳି ମାନଙ୍କ ପାଇଁ ଦୁଇଜଣ ପ୍ରଶିକ୍ଷକ ବିକାଶ ମହାନନ୍ଦ ଓ ଈଶ୍ୱର ପ୍ରଧାନ ରହିଛନ୍ତି। ଯାଦ୍ୱାରା ଖେଳାଳିମାନେ ଉପକୃତ ହୋଇପାରୁଛନ୍ତି। ଚେଞ୍ଜିଙ୍ଗ ରୁମ, ଲକର, ପୁରୁଷ ଓ ମହିଳା ବାଥ୍‌ରୁମର ସୁବିଧା ରହିଛି। ଏହି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ଅତ୍ୟାଧୁନିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହିତ ପ୍ରତ୍ୟେକ ଖେଳର ବ୍ୟବହୃତ ଉପକରଣ ଥିବାରୁ କ୍ରୀଡ଼ାବିତମାନେ ସହଜରେ ଖେଳି ପାରୁଛନ୍ତି ଓ ବ୍ୟାୟାମ କରିବା ସହଜ ହୋଇପାରୁଛି। ଏଥିସହିତ ଜନସାଧାରଣ ସେଠାକୁ ଯାଇ ଖେଳି ସ୍ୱାସ୍ଥ୍ୟକୁ ସୁସ୍ଥ ରଖି ଅନ୍ୟମାନଙ୍କୁ ବାଟ ଦେଖାଯାଉଛନ୍ତି। ଅଞ୍ଚଳର ଖେଳାଳିମାନେ ଖେଳି ଜାଣିଥିଲେ ସୁଧା ଆଗକୁ ବଢ଼ିପାରୁ ନଥିଲେ। ଇଣ୍ଡୋର ଷ୍ଟାଡିୟମ ହେବାରୁ ଆଜି ସେମାନେ ତାଲିମ ପାଇବା ସହିତ ଆଗକୁ ବଢ଼ିପାରୁଛନ୍ତି। କେତେକ ଖେଳାଳି ଏଠାରେ ବ୍ୟାଡମିଣ୍ଟନ ତାଲିମ ନେଇ ଆଜି ଉପଖଣ୍ଡସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗାତାରେ ଉତ୍ତୀର୍ଣ୍ଣ ହୋଇ ଜିଲ୍ଲା ଓ ରାଜ୍ୟସ୍ତରୀକୁ ଯାଇପାରିଛନ୍ତି। ନୂଆ ଯୁବ ଖେଳାଳିଙ୍କ ପାଇଁ ଏହା ଆଣିଦେଇଛି ଖୁସି ଖବର। ଏହି ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଦୁଇଜଣ ତାଲିମ ଦେଉଥିଲା ବେଳେ ୪୦ରୁ ୫୦ଜଣ ଖେଳାଳି ଓ ସାଧାରଣ ମହିଳା ଓ ପୁରୁଷ ପ୍ରତ୍ୟେକ ଦିନ ଆସି ଖେଳିବା ସହିତ ବ୍ୟାୟାମ କରୁଛନ୍ତି। ସରକାରଙ୍କ କ୍ରୀଡ଼ାବିତ ମାନଙ୍କ ପାଇଁ ଏଭଳି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରୁଛନ୍ତି।

# କୁଚିଣ୍ଡା ବଜାରରେ ଏବେ ଲିଚୁର ପସରା



**କୁଚିଣ୍ଡା, ୨୪।୪(ସମିସ)**

ପ୍ରକୃତିର ମନୋରମ ଦୃଶ୍ୟକୁ ଆହୁରି ମନୋମୁଗ୍ଧକର କରୁଛି ଗୁଦ୍‌ଗୁଦା ଜଳପ୍ରପାତ। ଜଳପ୍ରପାତରୁ ଝରଣା ବାହାରି କୁଳୁକୁଳୁ ହୋଇ ବୋହିଯାଉଛି। ଏହି ଝରଣା ପାଣିକୁ ଅନତି ଦୂରରେ ବନ୍ଧ କରି ଗଚ୍ଛିତ ରଖାଯାଉଛି। ତାରି ପାଣିରେ ଶହ ଶହ ଏକର ଜମିରେ ସୁନାର ଫସଲ ଫଳିଉଠୁଛି। ଚାଷୀ ଧାନ, ବିରି, କୋଳଥ, ମାଣ୍ଡିଆ, ଚିନାବାଦମ, ଲଙ୍କା, ସୋରିଷ ବିଭିନ୍ନ ପନିପରିବା ଚାଷ କରି ବେଶ ଦୁଇ ପଇସା ଉପାର୍ଜିତ କରି ନିଜର ପରିବାର ପ୍ରତିପୋଷଣ କରୁଛି। ରାଜାରାଜୁଡ଼ା ସମୟରେ ରାଜାମାନେ ଉନ୍ନତଧରଣର ଆମ୍ବ, ଲିଚୁ, କମଳା ଆଦି ବିଭିନ୍ନ ପ୍ରକାର ଫଳଚାଷ କରି ବିଭିନ୍ନ ସ୍ଥାନକୁ ରପ୍ତାନୀ କରୁଥିଲେ। ରାଜାମାନଙ୍କ ପରେ ପରେ ଅଞ୍ଚଳର ଚାଷୀମାନେ ନିଜ ଚାଷ ଜମିରେ ଏସବୁ ଫଳଗଛ ଗୁଡ଼ିକ ଲଗାଇ ଆଶାଠାରୁ ଅଧିକ ଲାଭ ପାଇବା ସହ ଦେଶ, ବିଦେଶକୁ ଏଠାରୁ ଆମ୍ବ, ଲିଚୁ, ଲଙ୍କା ରପ୍ତାନୀ କରୁଛନ୍ତି। ଆନ୍ତଃରାଜ୍ୟ ବଜାରରେ କୁଚିଣ୍ଡାର ଲିଚୁ, ଆମ୍ବ ଓ ଲଙ୍କା ବେଶ ନା କରିଛି। ପ୍ରଥମେ ବଡ଼ବାହାଲ, ଗନେକେଲା, ଲୁନ୍ଧୁରୁଡ଼ିହି, ସାଲେଭାଡ଼ି ଆଦି ଅଞ୍ଚଳରେ ଆମ୍ବ, ଲିଚୁ ଚାଷ ହେଉଥିବାବେଳେ ଏବେ କୁନ୍ଦୁରା, ବୁମଲେଇକେଲା, କୁସୁମୀ, କେନ୍ଦଖୁଣ୍ଟି, ଗୋଛରା ସହ ଏନ୍‌ଏସିର ନର୍ସରୀରେ ଚାଷ ହେବା ସହ ଅଞ୍ଚଳର ବହୁ ଘରେ ବାଡ଼ି ରେ ଉନ୍ନତ ମାନର ଆମ୍ବ, ପଣସ, ଲିଚୁ ଆଦି ଚାଷ ହେଉଛି। କୁଚିଣ୍ଡା ବଜାରରେ ବୁଧବାର ପ୍ରଥମ କରି କିଛି ଲିଚୁ ପସରା ଦେଖିବାକୁ ମିଳିଥିଲା। ୫୦ଟି ଲିଚୁଥିବା ଏକ ପେଣ୍ଡାକୁ ୧୫୦ଟଙ୍କା ଦରରେ ବିକ୍ରି ଚାଲିଛି। ଏବର୍ଷ ଲିଚୁଗଛରେ ସେତେଟା ଫଳ ଆସି ନଥିବାରୁ ଅଧିକ ଦରରେ ବିକ୍ରି ହେବାର ସମ୍ଭାବନା ରହିଛି। ଆମ୍ବ ମଧ ସେତେ ଫଳ ଆସିନାହିଁ। ଏଠାର ସୁମଧୁର ରସାଳ ଆମ୍ବ ବହୁ ଦୂରକୁ ମିଶନ ଶକ୍ତି ମାଁମାନେ ଜୀବିକାମିଶନ ମାଧ୍ୟମରେ ରପ୍ତାନୀ କରି ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକ ବେଶ ଭଲ ପଇସା ରୋଜଗାର କରୁଛନ୍ତି।



■ ବିଜେପି ନେତାଙ୍କୁ ମହଙ୍ଗା ପଡ଼ିଲା ବୁଡ଼ି ଅଞ୍ଚଳ ଗସ୍ତ

## ବିରୋଧ ଶୋଭାଯାତ୍ରାରେ ଶତାଧିକ ମହିଳା ସାମିଲ




**ଝାରବନ୍ଧ, ୨୪।୪(ସମିସ):** ଅଙ୍ଗ ନଦୀବନ୍ଧ ପ୍ରତିରୋଧ କମିଟିର ଚେତାବନୀ ସତ୍ତ୍ୱେ ପଦ୍ମପୁର ବିଧାନସଭା ବିଜେପି ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ କେତେକ ଦଳୀୟ କର୍ମୀଙ୍କୁ ନେଇ ସରେଇକେଲା ନାମ ସଂକୀର୍ତ୍ତନ ଦର୍ଶନ ଆଳରେ ବୁଡ଼ି ଅଞ୍ଚଳରେ ପ୍ରଚାର ପାଇଁ ପାଦ ଦେଇଥିଲେ। କେତେକ ଗଣମାଧ୍ୟମରେ ବୁଡ଼ି ଅଞ୍ଚଳ ଗଡ଼ ଭାଙ୍ଗିଲେ ବିଧାୟକ ପ୍ରାର୍ଥୀ ବୋଲି ପ୍ରକାଶ ପାଇବା ପରେ ବୁଡ଼ି ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଗତ କାଲି ସନ୍ଧ୍ୟାରେ ଲଖମରା ଠାରେ ନଦୀ ବନ୍ଧ ପ୍ରତିରୋଧ କମିଟିର ଜରୁରୀ ବୈଠକ ବସି ବୁଡ଼ି ଅଞ୍ଚଳର ଯେଉଁ ହାତ ଗଣତି କେତେ ଜଣ ଯାଇଥିଲେ, ତାଙ୍କୁ ସାମୁହିକ ସ୍ୱାର୍ଥ ଓ ଅଞ୍ଚଳର ଏକତା ଦୃଷ୍ଟିରୁ ଏପରି କାମରୁ ବିରତ ହେବାକୁ ସଚେତନ କରିଥିଲେ। ବୁଧବାର ଶତାଧିକ ମହିଳା ସଙ୍ଗଠିତ ହୋଇ ବିଜେପି ପ୍ରାର୍ଥୀ ଶ୍ରୀ ଭୋଏଙ୍କ ବିରୋଧରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଲଖମରା ଗ୍ରାମ ପରିକ୍ରମା କରିଥିଲେ। ଗୁରୁବାର ସମଲପୁରୀ ଗ୍ରାମରେ ଏକ ବିରାଟ ସଭା ହୋଇ ବନ୍ଧ ସପକ୍ଷବାଦୀ ଗୋବର୍ଦ୍ଧନ ଭୋଏ ବିରୁଦ୍ଧରେ ରଣନୀତି ପ୍ରସ୍ତୁତି କରିବାକୁ କମିଟି ସୂଚନା ପ୍ରଦାନ କରିଛି।

# 'ମିଳି ମିଶି ହେମା ଯୋଟ୍, ସଭେ ଆସ ଦେମା ଭୋଟ୍'

ବରଗଡ଼, ୨୪।୪(ସମିସ)

ମତଦାନର ମହାନପର୍ବ ଆଗାମୀ ସାଧାରଣ ନିର୍ବାଚନରେ ବରଗଡ଼ ଜିଲ୍ଲାର ସମସ୍ତ ଭୋଟରଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ତଥା ଭୋଟରଙ୍କୁ ସଚେତନ କରିବା ପାଇଁ ଜିଲ୍ଲା ପ୍ରଶାସନ ବିଭିନ୍ନ ଅଭିନବ ପ୍ରୟାସ ଜାରି ରଖିଛନ୍ତି। ସମଗ୍ର ଜିଲ୍ଲାର କୋଣ ଅନୁକୋଣରେ ଥିବା ସ୍କୁଲ ଓ କଲେଜ ଛାତ୍ରଛାତ୍ରୀ ସଚେତନତା ବାର୍ତ୍ତା ଦେଇ ରାଲି କରୁଥିବା ବେଳେ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ସଂଗ୍ରହ ଗାଡ଼ିରେ ମାଧ ପ୍ରଶାସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଭୋଟର ସଚେତନତା ଗୀତ ବଜାଇ ଭୋଟରଙ୍କୁ ସଚେତନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରାର କଂସ ମହାରାଜ ସମସ୍ତ ବରଗଡ଼ବାସୀ ସଚେତନ ନାଗରିକଙ୍କୁ ଭୋଟ ଦେବା ପାଇଁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ 'ମିଳି ମିଶି ହେମା ଯୋଟ୍, ସଭେ ଆସ ଦେମା ଭୋଟ୍' ବୋଲି ଆହ୍ୱାନ ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନରେ ଜନସାଧାରଙ୍କୁ ଭୋଟଦାନ ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବରଗଡ଼ ଧନୁଯାତ୍ରାର ମହାରାଜ କଂସ ଭୂମିକାରେ ଅଭିନୟ କରି ବେଶ ଲୋକପ୍ରିୟ ହୋଇଥିବା ହୃଷିକେଶ ଭୋଇ ସମସ୍ତଙ୍କୁ ସଚେତନତା କରିଛନ୍ତି। ଏତଦ ବ୍ୟତୀତ ବିଶିଷ୍ଟ କବି ତଥା ଲେଖକ ପଦ୍ମଶ୍ରୀ ହଳଧର ନାଗ ଆଗାମୀ ୨୦ ତାରିଖରେ ସମସ୍ତେ ମତଦାନ କରିବା ପାଇଁ ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି। ଜିଲ୍ଲା ସହ ଜିଲ୍ଲାର ସମସ୍ତ ଭୋଟର ମତଦାନର ମହାନ ପର୍ବରେ ସକ୍ରିୟ ଭାବେ ଅଂଶ ଗ୍ରହଣ କରିବା ସହ ନିର୍ବାଚନକୁ ସଫଳ କରିବା ପାଇଁ ଆହ୍ୱାନ କରିଛନ୍ତି।

## ଭୋଟରଙ୍କ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ

## ମତଦାନର ମହାନ ପର୍ବକୁ ସଫଳ କରିବା ପାଇଁ କଂସ ମହାରାଜ ଏବଂ ପଦ୍ମଶ୍ରୀ ହଳଧର ନାଗଙ୍କ ଭିଡିଓ ବାର୍ତ୍ତା ମାଧ୍ୟମରେ କଲେ ଆହ୍ୱାନ



ନିର୍ବାଚନ ଅଧିକାରୀ ଶ୍ରୀ ଆଦିତ୍ୟ ଗୋୟଲ ପ୍ରଶାସନ ଦ୍ୱାରା ଆୟୋଜିତ ହେଉଥିବା ଭୋଟର ସଚେତନତା କାର୍ଯ୍ୟକ୍ରମ (ସୁଇପ ଏକ୍ଟିଭିଟି) ଗୁଡ଼ିକୁ ଲୋକଙ୍କ ନିକଟକୁ ପହଞ୍ଚାଇବା ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି, ସରକାରୀ ଅଧିକାରୀଙ୍କୁ ଅନୁରୋଧ କରିବା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗାମୀ ନିର୍ବାଚନ ପର୍ବରେ ସମସ୍ତେ ସାମିଲ ହେବାକୁ ଦିଆଯାଇଥିବା ଏହି ସଚେତନତା ବାର୍ତ୍ତା ବେଶ ଭାଇରାଲ ହେଉଥିବା ବେଳେ ଭୋଟରଙ୍କ ମଧ୍ୟରେ ବି ଆଗାମୀ ନିର୍ବାଚନରେ ଭୋଟଦାନ ନେଇ ବେଶ ଉତ୍ସାହ ପରିଲକ୍ଷିତ ହେଉଛି।

## ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ : ସ୍ଥାନୀୟ ବାସିନ୍ଦାଙ୍କ ରାସ୍ତାରୋକ

ଦହିତା, ୨୪।୪(ସମିସ): ପଦ୍ମପୁର ଉପଖଣ୍ଡ ଖଇରପାଲି ନିକଟସ୍ଥ ଗୁଠୁର୍ଲା ଛକ ନିକଟରେ ଆଜି ସକାଳୁ ଟ୍ରକ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଉଛନ୍ତି ବୁଡେନ ଥାନା ଅନ୍ତର୍ଗତ ଭେଲୁଆଁପଦରର କୈଳାଶ ସାହୁ (୨୭)। ସୂଚନା ଅନୁସାରେ କୈଳାଶ କିଛି ଦିନ ପୂର୍ବରୁ ବିବାହ କରିଥିଲେ। ପ୍ରଥମ କରି ତାଙ୍କ ଶ୍ୱଶୁର ଘରକୁ ଯିବା ପାଇଁ ଖଇରପାଲି କୁ ମିଠା କିଣିବା ପାଇଁ ଯାଇଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଧକ୍କା ଦେବା ଯୋଗୁଁ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଛି। ଘଟଣା ସ୍ଥଳରେ ବୁଡେନ ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛନ୍ତି। ଅପରପକ୍ଷେ ଶବବ୍ୟବଚ୍ଛେଦ ପରେ ମୃତକଙ୍କ ଶବ ରଖି ପରିବାର ବର୍ଗ ଏବଂ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ଯୋଗାଇ ଦେବାକୁ ଏହି ରାସ୍ତାରୋକ ହୋଇଥିଲା। ରାସ୍ତାରୋକ ଯୋଗୁଁ ପଦ୍ମପୁର-ଗାଇସିଲେଟ ରାସ୍ତାରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା। ଅପରପକ୍ଷେ ପଦ୍ମପୁର ତହସିଲଦାର ବିପିନ କୁମାର ପ୍ରଧାନ ଓ ବୁଡେନ ଥାନା ଅଧିକାରୀ ଇସମାଇଲ ଏକ୍କା ଘଟଣାସ୍ଥଳକୁ ପହଞ୍ଚି ପରିବାରବର୍ଗଙ୍କ ସହ ଆଲୋଚନା କରିଥିଲେ।



## ଭୋଟର ସଚେତନତା ରେଲି

**ପଦ୍ମପୁର, ୨୪।୪ (ସମିସ):** ସ୍ଥାନୀୟ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚୂଡ଼ାମଣି ବାରିକଙ୍କ ନିର୍ଦ୍ଦେଶ କ୍ରମେ, କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜବୋଡ଼ାସମ୍ବର ଲୋକନାଥ ଭୋଇଙ୍କ ଉପସ୍ଥିତିରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ଏକ ଭୋଟର ସଚେତନତା ରେଲି ଆୟୋଜିତ ହୋଇ ଯାଇଛି। ରେଲିକୁ ସାଫଲ୍ୟମଣ୍ଡିତ କରିବା ପାଇଁ ବରିଷ୍ଠ ନାଗରିକ ନିରୋଜ ଦୋରା, ଜ୍ୟୋତ୍ସ୍ନାରାଣୀ ସାହୁ, ଜୀବନାନନ୍ଦ ସାହୁ, ମାନସ ଶତପଥୀ, ପୂଜାରାଣୀ ନାୟକ, ରବିନା ପଧାନ, ସଂଯୁକ୍ତା ଭୋଇ, ବୃନ୍ଦାବତୀ ସାହୁ, ଖୁଶବୁ ବରିହା, ଜ୍ୟୋତିରେଖା ମହାନନ୍ଦ, ଚକ୍ରଧର ନାୟକ, ପ୍ରଭାତୀ ପଟ୍ଟନାୟକ, ମମତା ମିଶ୍ର, ନୀଳିମା ରାଣୀ ମହାନ୍ତି, ସୁଷମା ଦାସ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ଓ କମଳା କୁମ୍ଭାର ସହାୟତା କରିଥିଲେ। ରେଲି ପରେ ନୂତନ ଭାବରେ ଦାଖିଲା ନେଇଥିବା ନବାଗତା ଛାତ୍ରୀ ତଥା ପିତା ମାତା ଙ୍କୁ ସ୍ୱାଗତ କରିବା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସୁରେନ୍ଦ୍ର କୁମାର ଭୋଇ ପରିଚାଳନା କରିଥିଲେ।

## ବିଭିନ୍ନ ସ୍ଥାନରେ ଦେବେଶଙ୍କ ପ୍ରଚାର, ବ୍ୟାପକ ସମର୍ଥନ ପାଇଁ ଉଦ୍ୟମ

**ବରଗଡ଼, ୨୪।୪(ସମିସ):** ବରଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଆଚାର୍ଯ୍ୟଙ୍କ ନିର୍ବାଚନୀ ପ୍ରଚାର ଜୋର୍ ଧରିଛି। ଗାଁ ଠୁ ସହର ପ୍ରତ୍ୟେକ ଜାଗାରେ ସଭାସମିତି ଦେଖିବାକୁ ମିଳୁଛି। ବରଗଡ଼ ବିଜେଡି ସଭାପତି କିଶୋର ମିଶ୍ର, ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ଉପ ନଗରପାଳ ରାଜେଶ୍ ଅଗ୍ରୱାଲ, କାଉନସିଲର ଉମାଚରଣ ରାଉତ, ରାଜୁ ଦାସ, ଉଦ୍ଧବ ସେଟ୍, ବେଦମତୀ ସେଟ୍ ପ୍ରମୁଖ ଉପସ୍ଥିତ ଯୁବ, ମହିଳା ସମେତ ବିଭିନ୍ନ ବର୍ଗ ର ଲୋକଙ୍କୁ ଭେଟି ସମ୍ପୃକ୍ତ ଗ୍ରାମ ମାନଙ୍କ ରେ ହୋଇଥିବା କଲ୍ୟାଣ ମଣ୍ଡପ ନିର୍ମାଣ, ମନ୍ଦିର ଉନ୍ନତି କରଣ, କମ୍ୟୁନିଟି ସେଣ୍ଟର୍ ନିର୍ମାଣ ଓ ଅନ୍ୟାନ୍ୟ ବିକାଶ ମୂଳକ କାର୍ଯ୍ୟ ସମ୍ବନ୍ଧ ରେ ଉଲ୍ଲେଖ କରି ସହରାଞ୍ଚଳ ସହିତ ଗ୍ରାମାଞ୍ଚଳ ର ବିକାଶ ଆମ ସରକାର ର ପ୍ରତିବଦ୍ଧତା ବୋଲି ଉଲ୍ଲେଖ କରି ଆଗାମୀ ନିର୍ବାଚନ ରେ ଡବଲ ବିକାଶ ପାଇଁ ଡବଲ ଶଙ୍ଖ କୁ ଆଶୀର୍ବାଦ ଦରକାର ବୋଲି ଜନ ସାଧାରଣ ଙ୍କୁ ନିବେଦନ କରିଥିଲେ। ଏହି ଅବସର ରେ ଗ୍ରାମ ବାସୀ ମାନଙ୍କ ଦ୍?ାରା ବିଜେଡି ବିଧାୟକ ପ୍ରାର୍ଥୀ ଦେବେଶ ଙ୍କୁ ଭବ୍ୟ ସମର୍ଦ୍ଧନା ପ୍ରଦାନ କରାଯାଇଥିବା ବେଳେ ଷଷ୍ଠ ଥର ପାଇଁ ଓଡ଼ିଶା ରେ ନବୀନ ପଟ୍ଟନାୟକ ଙ୍କୁ ମୁଖ୍ୟ ମନ୍ତ୍ରୀ କରିବା ପାଇଁ ଲୋକ ଙ୍କ ମଧ୍ୟରେ ଉତ୍ସାହ ପରି ଲକ୍ଷିତ





ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ଯାଇ ଦେବେଶ ମହିଳା ଓ ଯୁବକ ମାନଙ୍କୁ ଭେଟୁ ଥିବା ବେଳେ ସ୍ଥାନୀୟ ଅଞ୍ଚଳ ରେ ହୋଇ ଥିବା ବିକାଶ କାର୍ଯ୍ୟ ଜନ ସାଧାରଣ ଙ୍କୁ ପ୍ରଭାବିତ କରୁଥିବା ଲକ୍ଷ୍ୟ କରାଯାଉଛି। ବରଗଡ଼ ୱାର୍ଡ ନ ୧୭ ଅମ୍ବାପାଲି ଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଲୋକ ଙ୍କୁ ଭେଟି ନିର୍ବାଚନୀ ପ୍ରଚାର କରିଥିଲେ। ଅମ୍ବାପାଲି ରେ ହୋଇ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ରେ ଜନ ସାଧାରଣ ଙ୍କ ସକାରାଣକ ପ୍ରତିକ୍ରିୟା ପରି ପ୍ରକାଶ ପାଇଛି।ସେହି ପରି ୱାର୍ଡ ନ ୩, ୨, ୧୦, ୧ କୁ ଯାଇ ସ୍ଥାନୀୟ ଜନ ସାଧାରଣ ଙ୍କୁ ଭେଟିବା ସହ ବିଭିନ୍ନ ସମସ୍ୟା ସମ୍ପର୍କ ରେ ଆଲୋଚନା କରିଥିଲେ।ଏହି ଅବସର ରେ ବିଧାୟକ ଦେବେଶ ଙ୍କ ସହିତ ଟାଉନ ରହି ପୌର ପରିଷଦ ଦ୍?ାରା ହୋଇ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଗୁଡ଼ିକ ସମ୍ବନ୍ଧ ରେ ଅବଗତ କରାଇଥିଲେ ଠିକ୍ ସେହି ପରି ବିଭିନ୍ନ ଗ୍ରାମାଞ୍ଚଳ ରେ ବନ୍ଧା, କଳାପାଣି, ଖଲିଆପାଲି, ତେଲି ଟିକ୍ରା, ଏନ୍ ଜାମପାଲି, ଗୋବିନ୍ଦପୁର, ବୁଦେଲପାଲି, ନୂଆଗୁଡେଶିରା, ଖୁଣ୍ଟପାଲି ଆଦି ଗ୍ରାମରେ ହୋଇଥିଲା। ଏହି ଅବସରରେ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ବରିଷ୍ଠ ବିଜେଡି ନେତା ସୁରଥ ପ୍ରଧାନ ନିତ୍ୟାନନ୍ଦ ନାଏକ ରବୀନ୍ଦ୍ର ଭୋଇ ପ୍ରମୁଖ ଙ୍କ ସମେତ ସ୍ଥାନୀୟ ବିଜେଡି କର୍ମୀ ପ୍ରଚାର ରେ ସାମିଲ ହୋଇଥିଲେ।

ବିଜେଡିର ମିଶ୍ରଣ ପର୍ବ

## ତୋରା ଓ ଏନ୍. ଜାମପାଲି ପଞ୍ଚାୟତର ଶତାଧିକ ଯୁବକ ଓ ମହିଳାଙ୍କ ବିଜେଡିରେ ଯୋଗଦାନ



**ବରଗଡ଼, ୨୪।୪(ସମିସ):** ବରଗଡ଼ ବିଜୁ ଜନତା ଦଳ ଆନୁକୂଲ୍ୟରେ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବିଭିନ୍ନ ଦଳର ଶତାଧିକ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଓ ବରଗଡ଼ ବିଧାୟକଙ୍କ ବ୍ୟକ୍ତିତ୍ୱରେ ଆକୃଷ୍ଟ ହୋଇ ଏନ୍ ଜାମପାଲି ଓ ତୋରା ଗ୍ରାମପଞ୍ଚାୟତର ଗୀତା ମିର୍ଦ୍ଧା, ସଖା ଭୋଇ, ନିରଶୀ ସେଟ୍, ବୁଇ ଭୋଇ, ରିୟା ବାଗ୍ଛଲା, ପଙ୍କଜିନି ଭୁଏ, ଦେବରାଜ ଛତର୍, ବାସୁ କର, ବଳଦେବ କର, ସହଦେବ କର, ସାଧୁ ଜାଲ, କମଳା ବାଗ, ହିରନ ନାଗ, ଆଲୋକ ସୁନା, ବିଜେ ତାଣ୍ଡି, ଶୁକଦେବ ସୁନା, ବଇଲୋଚନ ବାଗ, ମହେଶ୍ୱର ସୁନା, ସୁରଜ୍ ସୁନା, ଅନିଲ କର, ରମା ବରିହା, ମୁକ୍ତି ଧରୁଆ, ସତିଆ ଭୋଇ, ଶମ୍ଭୁ ହରିପାଲ, ଭରତ ବାଗଙ୍କ ସମେତ ଶତାଧିକ ଯୁବକ ଓ ମହିଳା ଏହି ମିଶ୍ରଣ ପର୍ବରେ ସାମିଲ ହୋଇଥିଲେ। ତେବେ ବିଜୁ ଜନତା ଦଳ ତରଫରୁ ସମସ୍ତ ନବାଗତଙ୍କୁ ସ୍ୱାଗତ କରାଯାଇଥିବା ବେଳେ ଯୋଗ ଦେଇଥିବା ସମସ୍ତ କର୍ମୀ ଆଗାମୀ ଦିନରେ ବରଗଡ଼ର ଆହୁରି ଦ୍ରୁତ ବିକାଶ ପାଇଁ ଡବଲ ଶଙ୍ଖରେ ବିଜେଡି ସଂସଦ ଓ ବିଧାନ ସଭା ପ୍ରାର୍ଥୀ ମାନଙ୍କୁ ବିଜୟୀ କରାଇବା ପାଇଁ ସଂକଳ୍ପ ନେଇଥିଲେ।

## ଅଞ୍ଚଳ କଲେଜର ପୂର୍ବତନ କର୍ମଚାରୀ ନିଳାମ୍ବର ସାହୁଙ୍କ ପରଲୋକ

**ପଦ୍ମପୁର, ୨୪।୪ (ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ପଦ୍ମପୁରର ବରିଷ୍ଠ ନାଗରିକ ନିଳାମ୍ବର ସାହୁଙ୍କ ୮୬ ବର୍ଷ ବୟସରେ ନିଜ ସାହୁପଡ଼ା ସ୍ଥିତ ବାସଭବନରେ ପରଲୋକ ଘଟିଛି। ସେ ଜଣେ ନିଷ୍ଠାବାନ ତଥା ଧାର୍ମିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ତାଙ୍କ ପୁତ୍ର ପ୍ରଦୀପ ଓ ସଞ୍ଜୀବ ମୃତ୍ୟୁଶଯ୍ୟା ନିକଟରେ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ଏଡଭୋକେଟ ପ୍ରଦୀପ ମୁଖାଗ୍ନି ଦେଇଥିଲେ।



# ବରଗଡ଼ ଜିଲ୍ଲାରେ ବ୍ୟାପକ ନିର୍ବାଚନ ପ୍ରସ୍ତୁତି

ବରଗଡ଼, ୨୪।୪(ସମିସ)

ଆଗାମୀ ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ନିର୍ବାଚନୀ ଖର୍ଚ୍ଚ ଏବଂ ନାମାଙ୍କନ ପ୍ରକ୍ରିୟା ବିଷୟରେ ରାଜନୈତିକର ଦଳ ତଥା ପ୍ରାର୍ଥୀଙ୍କୁ ଅବଗତ କରିବା ପାଇଁ ଆଜି ବରଗଡ଼ ଜିଲ୍ଲା ପ୍ରଶାସନ ଏବଂ ରାଜନୈତିକ ଦଳର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଆଦିତ୍ୟ ଗୋୟଲ ଅଧ୍ୟକ୍ଷତା କରିବା ସହିତ ନାମାଙ୍କନ ପ୍ରକ୍ରିୟା ଏବଂ ନାମାଙ୍କନ ସମୟରେ ଆବଶ୍ୟକୀୟ ଦସ୍ତାବେଜ, ଜିଲ୍ଲାସ୍ତରରେ ନିର୍ବାଚନ ଖର୍ଚ୍ଚ ମନିଟରିଂ ନିମନ୍ତେ କରାଯାଇଥିବା ବିଭନ୍ନ ବ୍ୟବସ୍ଥା ବିଷୟରେ ବୁଝାଇ କହିବା ସହ ବରଗଡ଼ ସଂସଦୀୟ ନିର୍ବାଚନମଣ୍ଡଳୀ ଓ ଜିଲ୍ଲାର ପାଞ୍ଚୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଧିକାରୀଙ୍କ ନାମ ଏବଂ ନାମାଙ୍କନ ପତ୍ର ଗ୍ରହଣ କରିବା ସ୍ଥାନ, ସମୟ ଆଦି ବୁଝାଇ କହିଥିଲେ। ବରଗଡ଼ ଜିଲ୍ଲାରେ ଆଗାମୀ ଏପ୍ରିଲ ୨୬ ରୁ ମଇ ୩ ତାରିଖ ପର୍ଯ୍ୟନ୍ତ ଛୁଟିଦିନ ବ୍ୟତୀତ ସକାଳ ୧୧ ଘଟିକା ଠାରୁ ୩ ଘଟିକା ମଧ୍ୟରେ ପାର୍ଲାମେଣ୍ଟ ରିଟର୍ଣ୍ଣିଂ ଅଧିକାରୀଙ୍କ ସମେତ ୬ ଜଣ ରିଟର୍ଣ୍ଣିଂ ଅଧିକାରୀ ନିଜ ନିଜ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଗ୍ରହଣ କରିବେ। ବରଗଡ଼ ସଂସଦୀୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଜିଲ୍ଲାପାଳ ଶ୍ରୀ ଗୋୟଲ ଗ୍ରହଣ କରିବାକୁ ଥିବା ବେଳେ ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନାମାଙ୍କନ ପତ୍ର ପଦ୍ମପୁର ଉପଜିଲ୍ଲାପାଳ ଆଲୋକ ପଟେଲ, ବିଜେପୁର ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ନିର୍ବାଚନ ମଣ୍ଡଳୀର ନାମାଙ୍କନ ପତ୍ର ଉପଜିଲ୍ଲାପାଳ କୁମାର ନାଗଭୁଷଣ, ଅତାବିରା ନିର୍ବାଚନ ମଣ୍ଡଳୀର ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ଭଟଲି ନିର୍ବାଚନ ମଣ୍ଡଳୀର ନାମାଙ୍କନ ପତ୍ର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ନିଜ କାର୍ଯ୍ୟାଳୟରେ ଗ୍ରହଣ କରିବେ। ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବା ସମୟରେ ରିଟର୍ଣ୍ଣିଂ ଅଧିକାରୀଙ୍କ କକ୍ଷକୁ ପ୍ରାର୍ଥୀଙ୍କ ସମେତ ୫ ଜଣରୁ ଅଧିକ ଲୋକ ପ୍ରବେଶ କରି ପାରିବେ ନାହିଁ ଏବଂ କାର୍ଯ୍ୟାଳୟର ୧୦୦ ମିଟର ଦୂରତା ମଧ୍ୟରେ କେବଳ ୩ଟି ଗାଡ଼ି ନେଇ ପ୍ରାର୍ଥୀ ଯାଇପାରିବେ ଓ ନିୟମ ଅନୁଯାୟୀ ନିର୍ବାଚନ ସମ୍ବନ୍ଧୀୟ ବ୍ୟାନର, ପୋଷ୍ଟର, ପାମ୍ଫେଲଟ ଇତ୍ୟାଦି ମୁଦ୍ରଣ କରିବା ଏବଂ ୧୨୭ (ଏ) ଆରପି ଆକ୍ଟ- ୧୯୫୧ ନିୟମକୁ ଅନୁପାଳନ କରିବା ପାଇଁ ସମସ୍ତଙ୍କୁ ସୂଚନା ଦିଆଯାଇଥିଲା। ନିର୍ବାଚନୀ ଖର୍ଚ୍ଚର ତଦାରଖ ବ୍ୟବସ୍ଥା ଏବଂ ଖର୍ଚ୍ଚର ସଠିକ ଡକ୍ୟୁମେଣ୍ଟେସନ୍ ପ୍ରକ୍ରିୟା ବିଷୟରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ବରଗଡ଼ ଉପଜିଲ୍ଲାପାଳ କୁମାର ନାଗଭୁଷଣ ସମସ୍ତଙ୍କୁ ବିସ୍ତୃତ ଭାବେ ବୁଝାଇ କହିଥିଲେ। ଏହା ବ୍ୟତୀତ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଗୋଟିଏ ଲେଖାଏଁ ଭିନ୍ନକ୍ଷମ ପରିଚାଳିତ ବୁଥ୍‌ରେ ସଫଳ ମତଦାନ ନିମନ୍ତେ ଭିନ୍ନକ୍ଷମ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଗତ କାଲି ସମସ୍ତ ଦୈନିକ ଖବର କାଗଜ ବିତରକଙ୍କୁ ୧୨୭ (ଏ) ଆରପି ଆକ୍ଟର ନିୟମ ଏବଂ ଦଣ୍ଡ ବିଧାନ ବିଷୟରେ ତାଲିମ ଦେବା ସହ ପାମ୍ପଲେଟ୍ ଗୁଡ଼ିକୁ ବାଣ୍ଟିବା ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଇଛି।




## ଅନୁଷ୍ଠିତ ହେଲା ରାଜନୈତିକ ଦଳ ଓ ନିର୍ବାଚନ ଅଧିକାରୀଙ୍କ ମଧ୍ୟରେ ନିର୍ବାଚନୀ ଖର୍ଚ୍ଚ ଏବଂ ନାମାଙ୍କନ ପ୍ରକ୍ରିୟା ଆଧାରିତ ବୈଠକ

## ଭିନ୍ନକ୍ଷମ ପରିଚାଳିତ ବୁଥ୍‌ରେ ସଫଳ ମତଦାନ ନିମନ୍ତେ ପ୍ରଶିକ୍ଷଣ ନେଲେ ଦିବ୍ୟାଙ୍ଗ ପୋଲିଂ ଅଧିକାରୀ

# ସୋହେଲାରେ କୁଳିତା ଦିବସ ପାଳିତ



**ବରଗଡ଼, ୨୩।୪(ସମିସ) :** ବାବା ବିଶାଶହେ କୁଳିତା ସମାଜ ସୋହେଲା ପକ୍ଷରୁ ଲମ୍ବୁରୁପାଲି ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁଳିତା ଦିବସ ପାଳିତ ହୋଇଯାଇଛି। ୪ ଦିନ ପୂର୍ବରୁ ମନ୍ଦିର ପରିସରରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିବାବେଳେ ଆଜି ପୂର୍ଣ୍ଣାହୂତି ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପବିତ୍ର ଚୈତ୍ର ପୂର୍ଣ୍ଣିମାକୁ ପ୍ରତିବର୍ଷ କୁଳିତା ଦିବସ ଭାବରେ ପାଳନ କରିବା ପାଇଁ ସମ୍ବଲପୁର ବିଶାଳଖିଣ୍ଡାଠାରେ ଅନୁଷ୍ଠିତ ହୋଇଥିବା ୨୪ ତମ ଜାତି ମହାସଭାରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ଏହି କୁଳିତା ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଯୁବ ପ୍ରତିଭା ମମତା ବିଶ୍ୱାଲଙ୍କୁ ମାଗଣା କୁଳିତା ମେଟ୍ରିମୋନି ପରିଚାଳନା ତଥା ସମାଜ ସେବା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ମେଘନାଥ ପ୍ରଧାନଙ୍କ ସହ ଧର୍ମିଣୀ ତକ୍ଷଶୀଳା ପ୍ରଧାନ ମମତା ବିଶ୍ୱାଲଙ୍କ ସମ୍ବର୍ଦ୍ଧିତ କରିଥିଲେ। କୁଳିତା ଜାତି ଚାଷ କାର୍ଯ୍ୟ କରି ସାରା ଦୁନିଆବାସୀଙ୍କୁ ଅନ୍ନ ଯୋଗାଉଥିବାରୁ ଏହାକୁ 'ଲକ୍ଷେ ପୁଷା' ଜାତି କୁହାଯାଏ ବୋଲି ସମ୍ପାଦକ ଟେକଚାନ୍ଦ ଦୁଆନ ମତ ରଖିଥିଲେ। କାର୍ଯ୍ୟକ୍ରମରେ ସୋହେଲା ବ୍ଲକ ବାବା ବିଶାଶହେ କୁଳିତା ସମାଜ ସଭାପତି ଗୋବିନ୍ଦ ସାହୁ, ସମ୍ପାଦକ ଟେକଚାନ୍ଦ ଦୁଆନ୍, ଉପସଭାପତି ଯୁଧିଷ୍ଠିର ନାୟକ, ଗଣତନ୍ତ୍ର ପ୍ରଧାନ, ଅଗସ୍ତି ଭୋଇ, ଅମ୍ବାଭୋନା ବ୍ଲକ କୁଳିତା ସମାଜ ସଭାପତି ସୁରେଶ ପ୍ରଧାନ, ବାବଲୁ ପ୍ରଧାନ ମଞ୍ଚାସୀନ ଥିଲେ। ସେହିପରି ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠାତା ସଦସ୍ୟ ସ୍ୱର୍ଗତ ମେଘନାଥ ପ୍ରଧାନଙ୍କ ସହଧର୍ମିଣୀ ତକ୍ଷଶୀଳା ପ୍ରଧାନ, ଅମ୍ବାଭୋନା ବ୍ଲକ ଅଧ୍ୟକ୍ଷ କିର୍ତ୍ତୀଚନ୍ଦ୍ର ଦୁଆନ, ଭଟିଲ ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ଛତିଶଗଡ଼ ଓ ଓଡ଼ିଶାର ଶତାଧିକ କୁଳିତା ସମାଜର ସଦସ୍ୟ ଯୋଗ ଦେଇ ଏହି ଦିବସକୁ ପାଳନ କରିଛନ୍ତି।

# ରାମନବମୀ ମହୋତ୍ସବ ନେଇ ଉତ୍ସବମୁଖର ଅସୁରଗଡ଼

**ନର୍ଲା, ୨୪।୪(ସମିସ):** ପୌରାଣିକ ରାମାୟଣ କଥାବସ୍ତୁକୁ ନେଇ ନର୍ଲା ନିକଟସ୍ଥ ଅସୁରଗଡ଼ ଗ୍ରାମରେ ନବଦିନ ବ୍ୟାପୀ ରାମଲୀଳା ନାଟକ ମଞ୍ଚସ୍ଥ ହୋଇ ଆସୁଛି। ପବିତ୍ର ଶ୍ରୀରାମ ନବମୀ ତିଥିରୁ ଆରମ୍ଭ ହୋଇଥିବା ଏହି ନାଟକ ଉତ୍ସବରେ ଶ୍ରୀରାମ ମନ୍ଦିର ସ୍ଥାନରେ ରାମଙ୍କ ପୂଜା, ରାମାୟଣ ପଠନ, ଭଜନ, କୀର୍ତ୍ତନ ସହ ମନ୍ଦିର ପ୍ରାଙ୍ଗଣରେ ପ୍ରତ୍ୟହ ରାତ୍ରରେ ରାମଲୀଳା ନାଟକ ମଞ୍ଚସ୍ଥ ହେଉଛି। ଏହି କାର୍ଯ୍ୟକ୍ରମଟି ୨୬ ତାରିଖ ଦିନ ପୂର୍ଣ୍ଣାହୁତି ରହିଥିବା ସ୍ଥାନୀୟ ପୂଜା କମିଟି ପକ୍ଷରୁ କୁହାଯାଇଛି। ରାମାୟଣର ବିଭିନ୍ନ କାଣ୍ଡକୁ ନେଇ ଅତି ସୁନ୍ଦର ଓ ଆକର୍ଷଣୀୟ ନାଟକ ପରିବେଷଣ ହୋଇ ଆସୁଥିବା ବେଳେ ଏଠାରେ ରାମ ଭୂମିକାରେ ଗୋକୁଳ ପଧାନ, ସୀତା ଭୂମିକାରେ ବେଣୁପାଣି ଗଉଡ, ଲକ୍ଷ୍ମଣ ଅମର ଗଉଡ, ରାବଣ ସଦାନନ୍ଦ ସା ଓ ହନୁମାନ ଚରିତ୍ରରେ ଥବିର ପ୍ରଧାନ ଅଭିନୟ କରିଛନ୍ତି। ମନ୍ଦିର ପୂଜାସ୍ଥଳରେ କର୍ତ୍ତା ରୂପେ ଘନଶ୍ୟାମ ପ୍ରଧାନ ଓ ତାଙ୍କ ଧର୍ମପତ୍ନୀ ହାରାମଣୀ ପଧାନ ଦାୟିତ୍ୱ ନିର୍ବାହ କରିଛନ୍ତି। ବିଜୟ ଗଉଡ, ଶଙ୍କର ବାହୁକ, ଜଗନ୍ନାଥ ଗଉଡ, ଦାମୋଦର ପ୍ରଧାନ ପ୍ରମୁଖ ସହ ଅସୁରଗଡ଼, ଢେକୁନପଡ଼ା ଗ୍ରାମବାସୀ ଏଥିରେ ସହଯୋଗ ପ୍ରଦାନ କରିଆସୁଛନ୍ତି।



# ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ଶକ୍ତି ସଂରକ୍ଷଣ ସଚେତନତା କାର୍ଯ୍ୟକ୍ରମ

**ସୁବଳୟା, ୨୪।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରାମହାରାଜପୁର ବ୍ଲକ କେନଝିରିଆପାଲି ଆଞ୍ଚଳିକ ଉଚ୍ଚବିଦ୍ୟାପୀଠରେ ଶକ୍ତି ସଂରକ୍ଷଣ କ୍ଲବ୍ ଆନୁକୂଲ୍ୟରେ ଶକ୍ତି ସଂରକ୍ଷଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବ୍ରଜମୋହନ ବାରିକ ଶକ୍ତିର ସଦୁପଯୋଗ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। ଗଣିତ ଶିକ୍ଷକ ଦିନବନ୍ଧୁ ପ୍ରଧାନ ଶକ୍ତି ସଂରକ୍ଷଣର ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଶିକ୍ଷକ ପ୍ରମୋଦ ପାତ୍ର, ଜଗଦୀଶ ପ୍ରଧାନ, ମୀନକେତନ ରଣା ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷକ ଗୌରୀଶଙ୍କର ପୂଜାହାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଭୟାରଣ୍ୟକୁ ଗିଳୁଛି ନିଆଁ

## ବନ ବିଭାଗକୁ ଡେରାଡୁନ୍ ସୂଚନା ଭରସା

**ଭବାନୀପାଟଣା, ୨୪।୪(ସମିସ)**

କଳାହାଣ୍ଡି ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମତାତି ଯୋଗୁଁ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଦେଖିବାକୁ ମିଳିଛି। ଜିଲ୍ଲାର କର୍ଲାପାଟ ଅଭୟାରଣ୍ୟରେ ଗତ ସପ୍ତାହରେ ବ୍ୟାପକ ଅଞ୍ଚଳରେ ନିଆଁର କବଳରେ ଆସିଥିଲା। ସେହିଭଳି ସିଙ୍ଗାରୀ ଜଙ୍ଗଲରେ ମଧ୍ୟ ନିଆଁ ଲାଗିବା ଯୋଗୁଁ ବ୍ୟାପକ ବୃକ୍ଷରାଜି କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ସମୟରେ କାଳବୈଶାଖୀ ବର୍ଷା ହିଁ ଏହି ନିଆଁକୁ ରୋକିବାରେ ସକ୍ଷମ ହେଉଛି। ନିଆଁ ଲାଗିବା ଯୋଗୁଁ ଅଭୟାରଣ୍ୟର ବନ୍ୟପ୍ରାଣୀ ମଧ୍ୟ ବହୁଳ ଭାବରେ ପ୍ରଭାବିତ ହେବାରେ ଲାଗିଛନ୍ତି। କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ରେଞ୍ଜର ଘନା, ପରିଆ, ଭବାନୀପାଟଣା ରେଞ୍ଜର ବାମନି, କେଗାଁ ରେଞ୍ଜର ଚୁରାପାହାଡ଼, କର୍ଲାପାଟ ଅଭୟାରଣ୍ୟର କର୍ଲାପାଟ, ସିଙ୍ଗାରି ଜଙ୍ଗଲ, ନେହେଲା, ଲାଞ୍ଜିଗଡ଼ ଅଞ୍ଚଳରେ ନିୟମଗିରି, ନର୍ଲା ରେଞ୍ଜର ଉର୍ଲାଦାନୀ ସଂରକ୍ଷିତ ଜଙ୍ଗଲ, ବିଶ୍ୱନାଥପୁର, ସାଇସୁରନୀ, ଥୁଆମୂଳ ରାମପୁର, ଜୟପାଟଣା ସମେତ ବିଭିନ୍ନ ଅଞ୍ଚଳର ଜଙ୍ଗଲରେ ନିଆଁ ଜଳୁଥିବା ଦେଖିବାକୁ ମିଳୁଛି। ବନ ବିଭାଗ ନିଜସ୍ୱ ସୂତ୍ରରୁ ଜଙ୍ଗଲ ପୋଡ଼ି ଖବର ପାଇବା ଓ ନିଆଁ ଲିଭାଇବା ପାଇଁ ପଦକ୍ଷେପ ନେବା ପରିବର୍ତ୍ତେ ଡେରାଡୁନରୁ ସାଟ୍‌ଲାଇଟ୍ ମାଧ୍ୟମରେ ସୂଚନା ପାଇବା ପରେ ଜଙ୍ଗଲ ବିଭାଗ ତତ୍ପର ହେଉଥିବା ଦେଖିବାକୁ ମିଳିଛି। ଗତ କିଛିଦିନ ତଳେ କର୍ଲାପାଟ ଅଭୟାରଣ୍ୟ ଓ ଜୟପାଟଣା ଅଞ୍ଚଳରେ ନିଆଁ ଲାଗିବା ଖବର ଡେରାଡୁନ କେନ୍ଦ୍ର ପକ୍ଷରୁ ପ୍ରଥମେ ସୂଚନା ଦେବା ପରେ ବିଭାଗୀୟ ଅଧିକାରୀମାନେ ତତ୍ପର ହୋଇଥିଲେ। ବନ ବିଭାଗ ପାଖରେ ନିଆଁ ଲିଭାଇବା ପାଇଁ ଫାୟାର ସ୍କ୍ୱାଡ୍, ଫାୟାର ଗାଡ଼ି ଓ ଫାୟାର ୱାଚର ସମେତ ୧୦ରୁ ୧୫ ଜଣ ସ୍କ୍ୱାଡ୍ ପ୍ରତି ରେଞ୍ଜରେ ଥିଲେ ମଧ୍ୟ ବିଳମ୍ବରେ ପହଞ୍ଚୁଥିବାରୁ ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଉଛି। ପୋଡୁଚାଷ ପାଇଁ ମଧ୍ୟ ଲୋକେ ହଜାର ହଜାର ହେକ୍ଟର ଜଙ୍ଗଲକୁ କାଟି ନିଆଁ ଲଗାଉଥିବା ଦେଖିବାକୁ ମିଳିଛି। ଏହି ନିଆଁକୁ ଆୟତ୍ତ କରିବା ବନ ବିଭାଗ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି। ବ୍ୟାପକ ଜଙ୍ଗଲ ପୋଡ଼ିବା ଯୋଗୁଁ ବୃକ୍ଷରାଜି ଏବଂ ବନ୍ୟସମ୍ପଦ କ୍ଷତିଗ୍ରସ୍ତ ହୋଇଛି। ବନ୍ୟପ୍ରାଣୀ ଆତଙ୍କିତ ହୋଇ ରହିଛନ୍ତି। କାଳବୈଶାଖୀ ଓ ପ୍ରାକ୍ ମୌସୁମୀ ବର୍ଷା ହିଁ ନିଆଁ ଲିଭାଇବାରେ ମୁଖ୍ୟ ଭରସା ସାଜିଛି। ଜଙ୍ଗଲ ବିଭାଗ ପକ୍ଷରୁ ତୁରନ୍ତ ଜଙ୍ଗଲ ପୋଡ଼ିକୁ ରୋକିବା ପାଇଁ ପ୍ରାକ୍ ପ୍ରସ୍ତୁତି କରା ନ ଗଲେ ବହୁ ଔଷଧୀୟ ବୃକ୍ଷ, ମୂଲ୍ୟବାନ ଗଛ ଓ ବନ୍ୟପ୍ରାଣୀ କ୍ଷତିଗ୍ରସ୍ତ ହେବେ। ତେଣୁ ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।





# କଳାହାଣ୍ଡି ଲେଖିକା ସଂଘର 'ଶ୍ରୀରାମ କାବ୍ୟୋତ୍ସବ'

**ଭବାନୀପାଟଣା, ୨୪।୪(ସମିସ):** କଳାହାଣ୍ଡି ଲେଖିକା ସଂଘର 'ଶ୍ରୀରାମ କାବ୍ୟେତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାପିକା ତଥା ବିଶିଷ୍ଟ ଲେଖିକା ମଞ୍ଜୁମେଧା ଯୋଗଦେଇ ଶ୍ରୀରାମ କଥାମୃତରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ନିଜ ସ୍ୱରଚିତ କବିତା ପାଠ କରିଥିଲେ। କବି ମୀନତି କୁମାରୀ ପ୍ରଧାନଙ୍କ ସଂଯୋଜନାରେ ଦୀପ୍ତି ମୁଣ୍ଡ, ଅନୀତା ମୁଣ୍ଡ, ଅର୍ଚ୍ଚନା ମିଶ୍ର, ଝରଣା ପାଢ଼ୀ, କଳ୍ପନା ରଥ, ସୁଦେଷ୍ଣା ପଣ୍ଡା, ମୀନତି ପ୍ରଧାନ, ନାହେଦା ଶାହୀନ, ପ୍ରମୋଦିନୀ ପଣ୍ଡା, ପ୍ରଣତୀ ମିଶ୍ର, ସବିତା ଶତପଥୀ, ସଂଯୁକ୍ତା ମୁଣ୍ଡ, ସଞ୍ଜୁରାଣୀ ଆଚାର୍ଯ୍ୟ, ସ୍ୱର୍ଣ୍ଣକାନ୍ତି ବୈକାର, ଝରଣା ପାଢ଼ୀ, ପ୍ରେମଶୀଳା ବେହେରା, ସସ୍ମିତା ମୁଣ୍ଡ, ସୁଜାତା ମୁଣ୍ଡ, କବିତାଞ୍ଜଳି ପଣ୍ଡା, ଅପର୍ଣ୍ଣା ପଣ୍ଡା, ସ୍ନେହଲତା ବେହେରା ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ ନାରୀ କବି ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ମଧ୍ୟ ଭାଗରେ ଗାଳ୍ପିକା ଅନୀତା ମୁଣ୍ଡଙ୍କ ଗଳ୍ପ 'ରାମ କଥାର ଭିନ୍ନ ଏକ ସ୍ୱାଦ' ଉପସ୍ଥାପନା କରି ରାମ ପ୍ରେମ ରଜ୍ଜୁରେ କିଛିକ୍ଷଣ ସମସ୍ତଙ୍କୁ ବାନ୍ଧି ରଖିଥିଲେ। କାର୍ଯ୍ୟକ୍ରମରେ ଅପର୍ଣ୍ଣା ପଣ୍ଡା, ସ୍ନେହଲତା ବେହେରା, ଝରଣା ପାଢ଼ୀ ଓ ପ୍ରଣତି ମିଶ୍ର ପ୍ରମୁଖ ଭଜନ ପରିବେଷଣ କରି ପରିବେଶକୁ ରାମମୟ କରିଦେଇଥିଲେ। କବିତା ମୁଣ୍ଡ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମ୍ପାଦିକା କଳ୍ପନା ରଥ ସଂଘର ବାର୍ଷିକ ଉତ୍ସବ ପାଇଁ ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। କବି ଦୀପ୍ତି ମୁଣ୍ଡ ବୈଷୟିକ ସହାୟତା ଯୋଗାଇଥିବା ବେଳେ କବି ସସ୍ମିତା ମୁଣ୍ଡ ଧନ୍ୟବାଦ ଦେଇଥିଲେ।

# ଧୁମ୍‌ଧାମ୍‌ରେ ପାଳନ ହେଲା ଶ୍ରୀ ହନୁମାନ ଜନ୍ମ ମହୋତ୍ସବ

**କେସିଙ୍ଗା, ୨୪।୪(ସମିସ):** ଧର୍ମନଗରୀ କେସିଙ୍ଗାରେ ଇତି ମଧ୍ୟରେ ଧୂମଧାମରେ ପାଳିତ ହୋଇଯାଇଛି ଶ୍ରୀ ହନୁମାନ ଜନ୍ମ ମହୋତ୍ସବ। ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଗୌରୀଶଙ୍କର ମନ୍ଦିରରୁ ଶହ ଶହ ସଂଖ୍ୟାରେ ଭକ୍ତଙ୍କ ସମାବେଶରେ ଏକ ଶୋଭାଯାତ୍ରା ବାହାରି ସ୍ଥାନୀୟ ବଲାଙ୍ଗୀର ଛକଠାରେ ଥିବା ହନୁମାନ ମନ୍ଦିରରୁ ଯାଇଥିଲା। ସ୍ଥାନେସ୍ଥାନେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ସରବତର ବ୍ୟବସ୍ଥା କରାଯାଇଥିଲା। କେସିଙ୍ଗା ହରିମଣ୍ଡଳୀ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଲଳିତ ଶର୍ମା, ଗିରିଧାରୀ ଟାବେଡୱାଲ୍, ଦୁର୍ଗାଦତ୍ତ ସୋନି, ଅଶୋକ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହି ସୁମଧୁର ହନୁମାନ ଚାଳିଶା ଗାନ କରିବା ସହିତ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।



# ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ପୁସ୍ତକ ଦିବସ

## 'ଉତ୍ତର ପିଢ଼ି ପୁସ୍ତକମନସ୍କ ହେବା ଉଚିତ'

**ଭବାନୀପାଟଣା, ୨୪।୪(ସମିସ):** ପୁସ୍ତକ ମାନବ ସମାଜର ମୂଲ୍ୟବାନ ପୁଞ୍ଜି। ପୁସ୍ତକ ବିନା ବିଜ୍ଞାନ ପଙ୍ଗୁ, ଇତିହାସ ନିଷ୍ପନ୍ଦ, ସାହିତ୍ୟ ମୂକ ଓ ସମାଜ ନିର୍ବାକ। ପୁସ୍ତକର ଅଧୀନ ଏ ସମଗ୍ର ଜଗତ। ପୁସ୍ତକ ମଣିଷକୁ ଶାସନ କରେ ଓ ଅନୁଶାସନ ଶିଖାଏ। ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୦୭ ସଂଖ୍ୟକ ସାରସ୍ୱତ ଆସର ତଥା 'ବିଶ୍ୱ ପୁସ୍ତକ ଦିବସ' ପାଳନ ଅବସରରେ ଅତିଥି ବକ୍ତାଗଣ ଏଭଳି ମତବ୍ୟକ୍ତ କରିଥିଲେ। ଡ. ନୀରଦ ଚନ୍ଦ୍ର କହଁରଙ୍କ ପୌରୋହିତ୍ୟରେ ପ୍ରଥମେ ଶିଳ୍ପୀ ଲିପ୍ସା ମହାରଣା ବୈଦିକ ମନ୍ତ୍ର ଓ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। ଅତିଥି ବକ୍ତା ଭାବେ ଗାଳ୍ପିକ ପ୍ରକାଶ ନିଶଙ୍କ ଓ ସାହିତ୍ୟିକ ଡ. ତପନ କୁମାର ରଥ ଯୋଗ ଦେଇଥିଲେ। ଯୁବ କବି ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସଂଯୋଜନାରେ ଅନିତା ମୁଣ୍ଡ, ସବିତା ଶତପଥୀ, ସୁଦେଷ୍ଣା ପଣ୍ଡା, କଳ୍ପନା ରଥ, ଡ. ଦୀନବନ୍ଧୁ ସାହୁ, ଅଜୟ କୁମାର ଦାସ, ସାଗର କୁମାର ବୈଠାରୁ, ଅର୍ଚ୍ଚନା ମିଶ୍ର, ଝରଣା ପାଢ଼ୀ, ପ୍ରଶାନ୍ତ କୁମାର ଦାଶ, କିଶୋର ମହାନନ୍ଦ, ବିରଞ୍ଚି ନାରାୟଣ ମୁଣ୍ଡ ପ୍ରମୁଖ ପୁସ୍ତକ କବିତାବୃତ୍ତି କରିଥିବାବେଳେ ବରିଷ୍ଠ ସାହିତ୍ୟିକ ମୀନା କୁମାରୀ ମୁଣ୍ଡଙ୍କ ସହ ଉଦୟ ଦାଶ, ଏସ. ମିଶ୍ର, ସୋନାଲି ମହାରଣା ଉପସ୍ଥିତ ଥିଲେ। ଗାଳ୍ପିକା ଦୀପ୍ତି ମୁଣ୍ଡ ଏକ ଅନୂଦିତ ଗଳ୍ପ ପାଠ କରିଥିଲେ। କବି ସ୍ୱର୍ଣ୍ଣକାନ୍ତି ବୈକାର ମଞ୍ଚ ପରିଚାଳନା ଓ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ କୃତଜ୍ଞତା ଅର୍ପଣ କରିଥିଲେ। ସମବେତ ବନ୍ଦେ ମାତରମ ପରେ ସଭା ଶେଷ ହୋଇଥିଲା।

# ଇନ୍ଦ୍ରାବତୀ ଉଚ୍ଚବିଦ୍ୟାଳୟ ପକ୍ଷରୁ ଜଳସେବା

**କୋକସରା, ୨୪।୪(ସମିସ):** କଳାହାଣ୍ଡି ଜିଲ୍ଲାରେ ବିଗତ କିଛି ଦିନ ହେବ ପାରଦ ୪୨ ଡିଗ୍ରୀରୁ ଊର୍ଦ୍ଧ୍ୱ ଟପିଲାଣି। ଏହାକୁ ଦୃଷ୍ଟିରେ ରଖି କୋକସରା ବ୍ଲକ ରେଙ୍ଗାଲପାଲି ପଞ୍ଚାୟତ ଡ଼ଙ୍ଗରୀଗୁଡା ଇନ୍ଦ୍ରାବତୀ ସରକାରୀ ଉଚ୍ଚବିଦ୍ୟାଳୟ ପରିସରରେ ମଙ୍ଗଳବାର ନୀଳକଣ୍ଠେଶ୍?ର ସ୍କାଉଟ୍ସ ଗ୍ରୁପ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡା, ଭାରତ ସ୍କାଉଟସ୍ ଏବଂ ଗାଇଡସ୍ କଳାହାଣ୍ଡି ପକ୍ଷରୁ ଜଳ ସେବା ଶିବିର ଆରମ୍ଭ ହୋଇଛି। ଏହି କ୍ରମରେ ଆଜି ରାସ୍ତାରେ ଯାତାୟତ କରୁଥିବା ପଥଚାରୀ ମାନଙ୍କୁ ଦହି ସରବତ ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଏହି ଜଳସେବା ଶିବିରରେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟର ସ୍କାଉଟସ୍ ଶିକ୍ଷକ ଧୀରେନ୍ଦ୍ର କୁମାର ପଣ୍ଡା ଓ ସ୍କାଉଟସ୍ ଛାତ୍ରମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ଏଭଳି ପ୍ରୟାସକୁ ରାସ୍ତାରେ ଯାଉଥିବା ପଥଚାରୀ ଓ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।



### ରେଲ୍‌ୱେର ଜମି ଅଧିଗ୍ରହଣ ନାମରେ ମାଟି ପକାଇ ରାସ୍ତା ଅବାରୋଧ

# ପଞ୍ଚାୟତବାସୀଙ୍କ ରେଲରୋକ ଚେତାବନୀ

ବରପାଲି, ୨୪।୪ (ସମିସ)

ବରପାଲି ବ୍ଲକ କଦଳିପାଲି ରେଲୱେ ଲେବଲକ୍ରସିଂ ରାସ୍ତାକୁ ଗଦାଗଦା ମାଟି ପକାଇ ଅବରୋଧ କରି ଦିଆଯାଇଛି। ପୂର୍ବରୁ ମଧ ଗତ ୨୦୨୩ ଅଗଷ୍ଟ ମାସରୁ ୪ ମାସ ପର୍ଯ୍ୟନ୍ତ ବନ୍ଦ ରଖାଯାଇଥିଲା। ପୂର୍ବରୁ ରେଲୱେ ଜମି ଅଧିଗ୍ରହଣ କାର୍ଯ୍ୟକ୍ରମ ଆଲୋଚନା ମାଧମରେ ଏକ ପ୍ରକାର ରେଲୱେ ବିଭାଗ ଦ୍ୱାରା ସମାପନ ହୋଇଥିଲା। ହେଲେ ଅଚାନକ ଗତ ୭ ଦିନ ପୂର୍ବରୁ ରାସ୍ତାକୁ ଜାଣିଶୁଣି ମାଟିପକାଇ ବନ୍ଦ ରଖାଯାଇଛି। ଯାତାୟତରେ ଅସୁବିଧା ସୃଷ୍ଟି ହେବାରୁ ଲେଣ୍ଡା ପଞ୍ଚାୟତବାସୀ ରେଲୱେ ଡିଭିଜନ ମ୍ୟାନେଜର ଓ ସ୍ଥାନୀୟ ପୁଲିସର ଦୃଷ୍ଟି ଆକର୍ଷଣ କରି ନ୍ୟାୟ ମାଗିଛନ୍ତି। ସେହିପରି ଆସନ୍ତା ୨୮ ତାରିଖ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ରେଲରୋକ କରିବାକୁ ବାଧ ହେବୁ ବୋଲି ଚେତାବନୀ ଦେଇଛନ୍ତି। ପୂର୍ବରୁ ମଧ ସମସ୍ୟାର ସୂତ୍ରପାତ ହେବାସହ ଗତ ୨୦୨୩ ଅଗଷ୍ଟ ମାସରେ ଲେବଲକ୍ରସିଂରୁ ବାହାରିଥିବା ଅଇଁଠାପାଲି ରାସ୍ତା ପ୍ରଥମ ମୁଣ୍ଡରେ ମାଟି ପକାଇ ସମ୍ପୂର୍ଣ୍ଣ ବନ୍ଦ ରଖାଯାଇଥିଲା। ରାସ୍ତାଟି ଅବରୋଧ ହୋଇଥିବାରୁ ଆଖପାଖ ପାଞ୍ଚଟି





ଗ୍ରାମ ଅଇଁଠାପାଲି, ଜୁଲଟ, ବାଗବାଡି ଓ ପୁଟୁରୁପାଲି ସହ ବରଗଡ଼ ସଦରର ତିନୋଟି ପଞ୍ଚାୟତ ସମେତ ବରପାଲି ସହରର ଲୋକେ ହଟହଟା ହେଉଥିବା ବେଳେ ଦୁର୍ଘଟଣାର ଶିକାର ହେଉଛନ୍ତି। ସମସ୍ୟାକୁ ନେଇ ଲୋକେ ରେଲୱେ ଆସିଷ୍ଟାଣ ଡିଭିଜନାଲ ଇଞ୍ଜିନିୟର ଫାଷ୍ଟ କୋଷ୍ଟ ରେଲବାଇ ବରଗଡ଼, ତହସିଲଦାର, ପୁଲିସ ପ୍ରଶାସନ ସମେତ ଜନ ପ୍ରତିନିଧି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି ଏହି ସମସ୍ୟାର କୌଣସି ସମାଧାନର ବାଟ ଫିଟି ପାରିନଥିଲା। ବନ୍ଦ ହୋଇଥିବା ଜମି ଖାତା ନମ୍ବର ୨୫୩ ପ୍ଲଟ୍ ନମ୍ବର ୪୦୩/୧୦୬୩ ପୂର୍ବ କୋଷ୍ଟ ରେଳ ନାମରେ ୦.୧୯୮୦ ଡି ରେକର୍ଡରେ ରହିଥିବା ଜଣାପଡ଼ିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ନିର୍ଦ୍ଧାରିତ ଜମି ଉପରେ ବହୁ ଦିନରୁ ଜନସାଧାରଣଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଏକ ରାସ୍ତା କିଛି ଦିନ ପୂର୍ବରୁ ପିଡବ୍ଲୁଡି ବିଭାଗ ଦ୍ୱାରା ନବିକରଣ କରାଯାଇଥିଲା। ବର୍ତ୍ତମାନ ଉପୁଜୁଥିବା ସମସ୍ୟାରେ ଫସିଛନ୍ତି ଆଖପାଖ ରାସ୍ତାକଡ଼ ଚାଷଜମି ମାଲିକ ଓ କୃଷି କର୍ମଚାରୀ ମାନେ। ଜମିରୁ ଅମଳକ୍ଷମ ଧାନ ନେବା ଆଣିବାରେ ସେମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ପ୍ରସାସନ ଉଚିତ ପଦକ୍ଷେପ ଗ୍ରହଣ ନିମନ୍ତେ ଦାବି ହେଉଛି।

## ମନ୍ତ୍ରୀ ରୀତା ସାହୁଙ୍କ ନିର୍ବାଚନୀ ଜନସମ୍ପର୍କ ଅଭିଯାନ



ବରପାଲି, ୨୪।୪(ସମିସ): ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁଙ୍କ ନିର୍ବାଚନୀ ପ୍ରଚାର ଅଭିଯାନ ଲୋକସମ୍ପର୍କ ସ୍ଥାପନ ମାଧମରେ ଆଗେଇ ଚାଲିଛି। ବିଜେପୁର ନିର୍ବାଚନ ମଣ୍ଡଳି ଅର୍ନ୍ତଗତ ତିନୋଟି ବ୍ଲକ ବରପାଲି, ବିଜେପୁର ଓ ଗାଇସିଲେଟ ଅଞ୍ଚଳରେ ଦଳୀୟ କର୍ମକର୍ତ୍ତା ଓ କର୍ମୀ ମାନଙ୍କ ଗହଣରେ ନିଜ ଶୈଳୀରେ ପ୍ରଚାର ଓ ପ୍ରସାର ଦିଗକୁ ଗୁରୁତ୍ୱ ଦେଉଛନ୍ତି। ବରପାଲି ବ୍ଲକ ଝୁଲପାଲି ଓ ବନ୍ଧପାଲି ଗାଁ ନାମଯଜ୍ଞ ସହ ବିଜେପୁର ବ୍ଲକ ଜାରିଙ୍ଗରେ ମାଁ ସମଲେଶ୍ୱରୀଙ୍କ ଆଶିର୍ବାଦ ଗ୍ରହଣ, ମ.ଗଣ୍ଡପାଲି ଗାଁରେ ଅଲେଖ ମହିମା ବିଶ୍ୱଶାନ୍ତି ମହାଯଜ୍ଞ, ବିଜେପୁର ମନ୍ଦୀରପଡ଼ା ନାମଯଜ୍ଞ ମାଉସୀମା ମନ୍ଦିର ପରିଦର୍ଶନରେ ଯାଇ ଲୋକସମ୍ପର୍କ ସ୍ଥାପନ ମାଧ୍ୟମରେ ନିର୍ବାଚନୀ ଆଲୋଚନା କରିଥିଲେ। ସେହିପରି ମଣ୍ଡଳିର ବିଭିନ୍ନ ଗ୍ରାମ ନାମଯଜ୍ଞ, ମନ୍ଦିର ପ୍ରତିଷ୍ଠା, ବିବାହ ବ୍ରତ, କ୍ରିଡା ସହ ଉତ୍ସବ ମହୋତ୍ସବ ମାନଙ୍କରେ ସାମିଲ ହୋଇ ସମ୍ପର୍କ ସ୍ଥାପନ ପର୍ବକୁ ଗୁରୁତ୍ୱ ଦେଉଥିବା ଦେଖାଯାଉଛି।

## କଳସ ଶୋଭାଯାତ୍ରା ସହ ବିଶ୍ୱଶାନ୍ତି ମହାଯଜ୍ଞ ଓ ପପଙ୍ଗା ମହୋତ୍ସବ ଆରମ୍ଭ

ଭେଡେନ, ୨୪।୪(ସମିସ): ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ଗ୍ରାମପଞ୍ଚାୟତ ସ୍ଥିତ ପପଙ୍ଗା ପାହାଡ଼ର ପାଦଦେଶରେ ପପଙ୍ଗା ମହୋତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ପାହାଡ଼ର ପାଦଦେଶରେ କଳସ ଯାତ୍ରା ସହ ବିଶ୍ୱଶାନ୍ତି ମହାଯଜ୍ଞ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଅଞ୍ଚଳର ଶତାଧିକ ମହିଳା ପପଙ୍ଗା ଗ୍ରାମରୁ କଳସ ଧରି ସଂକୀର୍ତ୍ତନ ଦଳ, ଶଙ୍ଖ, ମହୁରୀ, ଘଣ୍ଟ ସହ ଗ୍ରାମପରିକ୍ରମା କରି ପାହାଡ଼ର ପାଦଦେଶରେ ଥିବା ଯଜ୍ଞସ୍ଥଳରେ



ପହଞ୍ଚିଥିଲେ। ଅନୁଷ୍ଠିତ ଶୋଭାଯାତ୍ରାରେ ମହୋତ୍ସବର ଅଧକ୍ଷା ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ମହୋତ୍ସବର ସଂଯୋଜକ ଦୁର୍ଗା ପ୍ରସାଦ ଛୁରିଆ, ଜିଲ୍ଲାପରିଷଦ ସଭ୍ୟ/ସଭ୍ୟା ପଦ୍ମିନୀ ଗଡ଼ତିଆ, ପିଙ୍କି ବଡ଼େଇ, ସତ୍ୟଜିତ ପୁରୋହିତ, ବ୍ଲକ ଅଧକ୍ଷା ସୁପ୍ରଭା ମହାଲିଙ୍ଗ, ଉପାଧକ୍ଷ ଡୋଳାମଣି ଖେତି, ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ସୁବାଷ ହୋତା, ତୋଷବନ୍ତ ବେହେରା, ସରପଞ୍ଚ ଅକ୍ଷୟ ନାଏକ, ସୁରେନ୍ଦ୍ର କର୍ମୀ, ଅରବିନ୍ଦ ହୋତା, ସୀମା ମେହେର, ଲକ୍ଷ୍ମୀ ଭୁଏ, ଜ୍ୟୋତିର୍ମୟୀ ସାହୁ, ବ୍ଲକ ମହିଳା ସଭାନେତ୍ରୀ ନମିତା ସୁନା, ସରପଞ୍ଚ ଜନ୍ମଜୟ ମିଶ୍ରଙ୍କ ସମେତ ହଜାର ହଜାର ଜନସାଧାରଣ ଯୋଗ ଦେଇଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ବ୍ରହ୍ମଚାରୀ କଏଲାସ, ମହନ୍ତ ଘନଶ୍ୟାମ ବାନପ୍ରସ୍ତ ସମେତ ବହୁ ସାଧୁସନ୍ଥ ଯୋଗଦେଇ ଯଜ୍ଞକାର୍ଯ୍ୟ ତୁଲାଉଛନ୍ତି। ମହାଯଜ୍ଞରେ କର୍ତ୍ତାଭାବରେ ସାନନ୍ଦ କର୍ଣ୍ଣ ଓ ହେମାବତୀ କର୍ଣ୍ଣ, ଲକ୍ଷ୍ମୀ ନାରାୟଣ ହୋତା ଓ ମିନାକ୍ଷୀ ହୋତା, ପ୍ରାରେଶ୍ୱର କର୍ଣ୍ଣ ଓ ମନ୍ଦାକିନୀ କର୍ଣ୍ଣ, କୃଷ୍ଣଚନ୍ଦ୍ର କୁସୁଲିଆ ଓ ସୁବାସିନୀ କୁସୁଲିଆ, ଗାୟତ୍ରୀ ସପତ୍ନୀକ ଦାୟିତ୍ୱ ତୁଲାଉଛନ୍ତି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଯଜ୍ଞ ଅନୁଷ୍ଠିତ ହେବ।

### ବରଗଡ଼ର ବିଭିନ୍ନ ସ୍ଥାନରେ ସଟ୍ଟା ଚଢ଼ଉ

## ୧୭ ହଜାର ୬୫୫ ଟଙ୍କା ଜବତ, ୬ ଗିରଫ

ବରଗଡ଼, ୨୪।୪(ସମିସ): ବରଗଡ଼ ଟାଉନ ପୁଲିସ ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ସଟ୍ଟା କାରବାର ଉପରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକମାନଙ୍କ ଠାରୁ ପୁଲିସ ୧୭ ହଜାର ୬୫୫ ଟଙ୍କା, ୨ ଟି ମୋଟର ସାଇକେଲ, ସଟ୍ଟା କାଗଜାତ ଆଦି ଜବତ କରାଯାଇଛି। ଗିରଫ ଯୁବକମାନେ ବରଗଡ଼ ଡେମ କଲୋନୀର ଚାଣ୍ଡି ଛତ୍ରିଆ, ଲୋକେଶ୍ୱର ଛୁତି, ବରଗଡ଼ ନୂଆପଡ଼ାର କୁବେର ତାଣ୍ଡି, ବାନ୍ଧୁଟିକ୍ରାର ସାନ ଛତର, କୁମ୍ଭାରପଡ଼ାର ରମା ସାହୁ ଓ ତୋରାର କ୍ଷିରୋଦ ଧରାଇ ବୋଲି ପୁଲିସ ସୂଚନା ଦେଇଛି। ବରଗଡ଼ ସହରର ହାଟପଦା, ଗୁରୁଦ୍ୱାରା ଛକ, ଭଟଲି ଛକ, ଲମ୍ପାବିଲିଡିଂ ଛକ ନିକଟରେ ସଟ୍ଟା କାରବାର ଚାଲୁଥିବା ନେଇ ପୁଲିସ ଖବର ପାଇବା ସହ ଅତର୍କିତ ଭାବରେ ଚଢ଼ାଉ କରିଥିଲା ଏବଂ ଉପରୋକ୍ତ ୬ ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଟାଉନ ଥାନା ପୁଲିସ ୬ ଟି ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

### ପଦ୍ମପୁର ଅଞ୍ଚଳରେ ବେଧଡ଼କ ଚାଲିଛି ମଦ ବେପାର

## ନିର୍ବାଚନ ଋତୁ ପାଇଁ ବେପାର ବୃଦ୍ଧି

ପଦ୍ମପୁର, ୨୪।୪ (ସମିସ): ବର୍ତ୍ତମାନ ନିର୍ବାଚନ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ପଦ୍ମପୁର ଉପଖଣ୍ଡରେ ଦେଶୀ ରନ୍ଧା ମଦ ସମେତ ବିଦେଶୀ ମଦ ବେପାର ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ବିଭାଗୀୟ ଅଧିକାରୀ ଚୁପ ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି। ପଦ୍ମପୁର ଅଞ୍ଚଳର ଅନେକ ସ୍ଥାନରେ ସ୍କୁଲ ସନ୍ନିକଟ ଓ ଗାଁ ଭିତରେ ଖୁଲମଖୁଲା ମଦ ବିକ୍ରି ଚାଲିଛି ଯାହାକି ପରିବାର ମଧ୍ୟରେ ଅଶାନ୍ତ ବାତାବରଣ ସୃଷ୍ଟି ହେଉଛି। ସୂଚନାଯୋଗ୍ୟ ଯେ ବର୍ତ୍ତମାନ ନିର୍ବାଚନ ଋତୁ ଚାଲିଥିବା ବେଳେ ମଦ କାରବାର ବୃଦ୍ଧିପାଇଛି। ବହୁ ମଦ ବେପାରୀ ଅପମିଶ୍ରିତ ମଦ ବିକ୍ରି ଚଳାଇଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଉପଯୁକ୍ତ କାର୍ଯାନୁଷ୍ଠାନ ନ ହେବାରୁ ମଦ ବେପାରୀ ଉତ୍ସାହିତ ହେଉଛନ୍ତି। ବିଶେଷ କରି ଗାଇସିଲେଟର ମଲମଣ୍ଡା, ଚାଣ୍ଟିପାଲି କନ ସିଂଘା, ମୋହନ ପାଲି, ଲଖମରା ଟେମେରୀ ତଥା ଛତିଶଗଡ଼ ସୀମାନ୍ତ ଜଗଦଲପୁର ତଥା ଅଙ୍ଗନଦୀ ସୀମାନ୍ତ ଗ୍ରାମରେ ଏହି କାରବାର ଚାଲି ଥିବା ଜଣାପଡ଼ିଛି। ବିଗତ ଦିନରେ ଅବକାରୀ ବିଭାଗ ବାରମ୍ବାର ଚଢ଼ାଉ କରୁଥିଲେ ମାତ୍ର ବର୍ତ୍ତମାନ ଅବକାରୀ ବିଭାଗ ସ୍ଥାଣୁ ପାଲଟିଥିବା ଅଭିଯୋଗ ହେଉଛି।

## ଭାରୀଯାନ ଚଳାଉଛନ୍ତି ଅଣତାଲିମ୍‌ପ୍ରାପ୍ତ ଡ୍ରାଇଭର, ଅନ୍ଧାରରେ ପରିବହନ ବିଭାଗ

ଗୁଦେରପାଲି, ୨୪।୪ (ସମିସ): ପଦ୍ମପୁର ଉପଖଣ୍ଡର ମେଲଛାମୁଣ୍ଡା, ଗାଇସିଲେଟ, ଗୁଦେରପାଲି, ଲାଉମୁଣ୍ଡା ଏବଂ ବିଜେପୁର ଅଞ୍ଚଳର ରାଜ ରାସ୍ତାରେ ଦୃତ ଗତିରେ ହାଇଓ୍ୱା, ସ୍କୁଲ ଭେନ, ଟେକ୍ସି ଓ ଟ୍ରାକଟର ଗୁଡ଼ିକ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ସବୁଠାରୁ ବିଡ଼ମ୍ବନାର ବିଷୟ ହେଉଛି ଅଧିକାଂଶ



ଗାଡ଼ିରେ କମ ବୟସର ତଥା ଅଣ ତାଲିମ୍ ପ୍ରାପ୍ତ ଡ୍ରାଇଭର ଚଳାଉଥିବା ଅଭିଯୋଗ ହେଉଛି। ବିଭିନ୍ନ କମ୍ପାନୀ ତଥା ଗାଡି ମାଲିକ ମାନେ କମ୍ ଦରମା ନେଉଥିବା ଅଣ ତାଲିମ୍ ପ୍ରାପ୍ତ ଡ୍ରାଇଭରକୁ ଗାଡ଼ି ଚଲାଇବାକୁ ଦେଇ ବେସ ଲାଭବାନ ହେଉଛନ୍ତି। କିନ୍ତୁ ସେଥିପାଇଁ ଏହି ଅଞ୍ଚଳ ମାନଙ୍କରେ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ଘଟି ଅନେକ ଧନଜୀବନ କ୍ଷତି ଘଟୁଛି। ଏଥିପ୍ରତି ବରଗଡ଼ ପରିବହନ ବିଭାଗ ଦୃଷ୍ଟି ଦେବାକୁ ଜନସାଧାରଣରେ ଦାବି ହେଉଛି।

## ସଂକ୍ରିଡା ମାଁ ବିନ୍ଧ୍ୟବାସିନୀ ପୀଠରେ ଚୈତ୍ର ପୂର୍ଣ୍ଣିମା ଯାତ୍ରା

ଥୁଆପାଲି, ୨୪।୪(ସମିସ): ସଂକ୍ରିଡା ଠାରେ ମାଁ ବିନ୍ଧ୍ୟବାସିନୀ ପୀଠରେ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ ଚୈତ୍ର ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଡାଲବ ପଞ୍ଚାୟତର ବାନିପାଲି ଠାରୁ ମାଁ ଛତର ଆସି ସଂକ୍ରିଡା ତିନମୁଡି ଝାଙ୍କର ଉଦ୍ଧବ ଧରେଇ ପୂଜାର୍ଚ୍ଚନା କରିଥିଲେ। ପରେ ରାତି ୪ଟାରେ ମାଁ ବିନ୍ଧ୍ୟବାସିନୀଙ୍କୁ ପୀଠକୁ ଆଣାଯାଇ ସ୍ନାନ କରାଯାଇଥିଲା। ପ୍ରଥମେ ଚିଚିଣ୍ଡା ଗ୍ରାମର କବିସୂର୍ଯ୍ୟ ପୁରୋହିତଙ୍କ ପୂଜା ସାମଗ୍ରୀରେ ପୂଜା କରା ଯାଇଥିଲା। ପରେ ଅନ୍ୟାନ୍ୟ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଥିଲେ। ମୁଖ୍ୟ ପୁରୋହିତ ପଣ୍ଡିତ ଦୁଃଖିଶ୍ୟାମ ମିଶ୍ର, ଉଦିତ ବେହେରା, ଧ୍ରୁବରାଜ ପୁରୋହିତ, ଗଙ୍ଗାଧର ପୁରୋହିତ, ଶଙ୍କର ବେହେରା ହରିବନ୍ଧୁ ପୁରୋହିତ ପ୍ରମୁଖ ମାଁ ବିନ୍ଧ୍ୟବାସିନୀଙ୍କ ଠାରେ ହୋମଯଜ୍ଞ ଓ ଚଣ୍ଡୀପାଠ କରିଥିଲେ। ଏହାପରେ ମାନସିକ ପୂରଣ ହୋଇଥିବା ଶ୍ରଦ୍ଧାଳୁଙ୍କ କୁକୁଡ଼ା ଓ ବୋଦାବଳି ଦିଆଯାଇ ଥିଲା। ବିଭିନ୍ନ ଦାତବ୍ୟ ଅନୁଷ୍ଠାନ ଅନ୍ନଭୋଗ ଓ ପିଇବା ପାଣି ବ୍ୟବସ୍ଥା କରିଥିଲେ। ସଂକ୍ରୀଡା ଓ ଟାଙ୍ଗରପାଲି ଠାରୁ ମାଁ ବିନ୍ଧ୍ୟବାସିନୀ ପୀଠକୁ ଯିବାପାଇଁ ଥିବା ରାସ୍ତା ସଂକିର୍ଣ୍ଣ ହୋଇ ଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ଭେଡେନ ଥାନା ଅଧିକାରୀ ପ୍ରେମଜିତ ଦାଶ ଓ ରୁଷୁଡା ଫାଣ୍ଡି ଅଧିକାରୀ ପ୍ରମୋଦ କୁମାର ସାହୁ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟବସ୍ଥା କରିଥିଲେ। ଟ୍ରଷ୍ଟ ବୋର୍ଡ଼ ପକ୍ଷରୁ ସତ୍ୟଜିତ ପୁରୋହିତ, ଉଦୟ ପୁରୋହିତ, ଜ୍ଞାନ ପୁରୋହିତ, ସୀତାରାମ ବିଶି, ଅଭିଜିତ ବିଶି, ବିଦୁଆ ମେଘ, ପ୍ରସନ୍ନ ମେଘ, ପ୍ରହ୍ଲାଦ ଭୋସାଗର ଓ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଯାତ୍ରା ସମୟରେ ସହଯୋଗ କରିଥିଲେ।

## କଂଗ୍ରେସର ଯୁବ ସମାବେଶ ଓ ମିଶ୍ରଣ ପର୍ବ

ପଦ୍ମପୁର, ୨୪।୪ (ସମିସ): ପଦ୍ମପୁର ଉପଖଣ୍ଡ ଧୂମାଭଟା ଛକ ଠାରେ ଜାତୀୟ କଂଗ୍ରେସର ଏକ ସମାବେଶ ଅନୁଷ୍ଠିତ ହୋଇଛି। ସମାବେଶକୁ ବିଜୟାନନ୍ଦ ପଟ୍ଟନାୟକ ସଞ୍ଚାଳନ କରିଥିଲେ। ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ମହେନ୍ଦ୍ର ଖୁଣ୍ଟିଆ, କଂଗ୍ରେସ ପ୍ରାର୍ଥୀ ଟଙ୍କଧର ସାହୁ, ଝାରବନ୍ଧ ବ୍ଲକ ସଭାପତି ମୁଜାଫର ହୁସେନ, ପଦ୍ମପୁର ବ୍ଲକ ପ୍ରଦୀପ ବେହେରା, ଯୁବ କଂଗ୍ରେସ ସଭାପତି ବିକାଶ ବହିଦାର, ରାମ ପ୍ରସାଦ ଉଗ୍ରେ, ବିନୋଦ ବିଶ୍ୱାଲ, ନୁରାଧନ ଭୋଏ, ମନୋଜ ପ୍ରସାଦ ତ୍ରିବେଦୀ, ଗତିକୃଷ୍ଣ ଭୋଇ, ପ୍ରହ୍ଲାଦ ସରାଫ ମଞ୍ଚାସୀନ ରହି କଂଗ୍ରେସର ଗ୍ୟାରେଣ୍ଟି ଓ ଆଭିମୁଖ୍ୟ ଉପସ୍ଥାପନା କରିଥିଲେ। ବିଜେଡି ନେତା ଆନନ୍ଦ ବାଲମ, ଅବସର ପ୍ରାପ୍ତ ଶିକ୍ଷକ ନୀଳମଣି ଭୋଇ, ଲମ୍ବୋଦର ପଟେଲ ସମେତ ଶତାଧିକ ବିଜେଡି, ବିଜେପି କର୍ମୀ କଂଗ୍ରେସରେ ସାମିଲ ଥିଲେ। ସମାବେଶରେ ପ୍ରତ୍ୟେକ କର୍ମୀ କଂଗ୍ରେସକୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ସଂକଳ୍ପ ନେଇଥିଲେ।

## ସ୍ୱଚ୍ଛ ନିର୍ବାଚନ ଓ ମତଦାନ ସଚେତନତା ଅଭିଯାନ

ବରପାଲି, ୨୪।୪(ସମିସ):ବରପାଲି ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନ ପକ୍ଷରୁ ସ୍ୱଚ୍ଛ ନିର୍ବାଚନ ସଚେତନତା ଅଭିଯାନ ସମାପନ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇ ଦିନିଆ କାର୍ଯ୍ୟକ୍ରମର ଉଦଯାପନୀ ପର୍ବ ପାଳନ ଅବସରରେ ଏକ ସଚେତନତା ବୈଠକ ଆୟୋଜିତ ହୋଇଥିଲା। ପରିଚାଳନା କମିଟି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ହାଇସ୍କୁଲ ପ୍ରଧାନ ଶିକ୍ଷକ ନାରାୟଣ ଭୁଏ ପରିଚାଳନା କରିଥିଲା। ସମ୍ମାନିତ ଅତିଥି ଭାବେ ସହକାରୀ ଶିକ୍ଷକ ମନୋଜ ବଡେଇ, ଗୋବର୍ଦ୍ଧନ ସାହୁ, ଚୈତନ୍ୟ ଲୁହା, ଜଗବନ୍ଧୁ ସାହୁ, ଦିବାକର ଟାଣ୍ଡିଆ, ସନ୍ତୋଷ ନାୟକ, ଚମ୍ପିକା ପଧାନ, ପ୍ରାଚୀ ସେଠ, ପ୍ରତିମା ପଧାନ, ସୁପ୍ରଭା ବାରିକ, ସୁବର୍ଣ୍ଣ ମେହେର, ସୋମାଶ୍ରୀ ବାରିକ, ମଞ୍ଜୁଶ୍ରୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମଙ୍ଗଳବାର ଛାତ୍ରୀ



ମାନଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ପରେ ଛାତ୍ରୀ ମାନଙ୍କୁ ନେଇ ତର୍କ ଓ ପ୍ରଶ୍ନଉତ୍ତର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଚାଳନାରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସହ କର୍ମଚାରୀ ମାନେ ସହାୟତା କରିଥିଲେ।

## ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ମତଦାନ ସଚେତନତା କାର୍ଯ୍ୟକ୍ରମ

ବରଗଡ଼, ୨୪।୪(ସମିସ): ବରଗଡ଼ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ସୌଜନ୍ୟ ରୁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ବିଭିନ୍ନ ସ୍କୁଲ ରେ ନିର୍ବାଚନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗୁଡ଼ିକ ଅନୁଷ୍ଠିତ ହୋଇଯାଇଛି।ଏହି ଅବସର ରେ ବରଗଡ଼ ରାଣା ପ୍ରତାପ ସ୍କୁଲ ରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧିରୋଜ୍ ପଟ୍ଟନାୟକ ଉପସ୍ଥିତ ରହି ସ୍କୁଲ ର ଛାତ୍ର ଛାତ୍ରୀ ଙ୍କୁ ନିଜ ବାପା ମାଆ ଙ୍କ ଉଦ୍ଦେଶ୍ୟ ରେ ନିର୍ବାଚନ ସମ୍ପର୍କିତ ସଚେତନତା ଚିଠି ପ୍ରଦାନ କରିଥିଲେ। ଏହି ଚିଠି ରେ ସମ୍ପୃକ୍ତ ଛାତ୍ର ଛାତ୍ରୀ ନିଜ ନିଜ ବାପା ମାଆ ଙ୍କୁ ଶିକ୍ଷା ସ୍ୱାସ୍ଥ୍ୟ, ଓ ଭବିଷ୍ୟତ କୁ ନିଶ୍ଚିତ ଓ ସୁରକ୍ଷିତ ରଖିବା ପାଇଁ ଜଣେ ମତଦାତା ଭାବରେ ନିର୍ଦ୍ଧାରିତ ବୁଥ କୁ ଯାଇ ମତଦାନ କରି ଶୈଶବ କୁ ସୁରକ୍ଷିତ ରଖିବା ପାଇଁ ନିବେଦନ କରାଯାଇଥିବା ଉଲ୍ଲେଖ ରହିଛି। ଏହି ଅବସର ରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମଧ ଉପସ୍ଥିତ ଥିଲେ।

## ଖବରକାଗଜ ବିତରକଙ୍କୁ ୧୨୭ (ଏ) ନିୟମ ବିଷୟରେ ତାଲିମ

ବରଗଡ଼, ୨୪।୪ (ସମିସ): ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ସମ୍ବାଦପତ୍ର ହକରଙ୍କୁ ୧୨୭ (ଏ) ଆରପି ଆକ୍ଟର ନିୟମ ଏବଂ ଦଣ୍ଡ ବିଧାନ ବିଷୟରେ ତାଲିମ ଦେବା ସହ ପାମ୍ପଲେଟ୍ ଗୁଡ଼ିକୁ ବାଣ୍ଟିବା ସମୟରେ ସତର୍କତା ଅବଲମ୍ବନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। କୌଣସି ବି ପ୍ରଚାର ପତ୍ର ନିର୍ବାଚନ ସଂକ୍ରାନ୍ତୀୟ ହୋଇଥିବ ତା ହେଲେ ଯିଏ ବି ସେ ପ୍ରଚାର ପତ୍ର ଦେଇଛି, କେତେ ପ୍ରିଣ୍ଟ ହୋଇଛି, ଆଉ ତାର ସବିଶେଷ ବିବରଣୀ ଥିବାର ଆବଶ୍ୟକ ବୋଲି କହିଥିଲେ। ଯଦି କେହି ଏମିତି ଆଇନର ଉଲଂଘନ କରେ ତାକୁ ଅତି କମ୍ ରେ ୬ ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡର ନିୟମ ଅଛି ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଏହି ତାଲିମ ଶିବିରରେ ଜିଲ୍ଲା ସୁଚନା ଲୋକ ସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସ୍ଲା, ଖବରକାଗଜ ବିତରକ ସଂଘ ପକ୍ଷରୁ ସଭାପତି ଦେବ ନାରାୟଣ ଦାଶ, ରମେଶ ଦାସ, ଜୟ ପ୍ରକାଶ କୁମ୍ଭାର, ଅଚ୍ୟୁତ ସର୍, ସମ୍ପଦ କଳେତ, ହରି ମୁଗୁରି, ଅଜୟ ଛତର, ରାଜ୍ କୁମାର ବଞ୍ଜୋର, ସୁଶିଲ ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡିରେ ଯୋଗଦେଲେ ବିଜେପି କର୍ମୀ ସରୋଜ



ବରଗଡ଼, ୨୪।୪(ସମିସ): ବରଗଡ଼ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ ର ବିଜେପି ସକ୍ରିୟ କର୍ମୀ ତଥା ମୋଟିଭେଟର ସରୋଜ ନାଏକ ବୁଧବାର ବିଜେଡି ରେ ଯୋଗଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ବଳିଷ୍ଠ ନେତୃତ୍ୱ ଓ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଙ୍କ ଆଦର୍ଶ ଓ କାର୍ଯ୍ୟଶୈଳୀରେ ପ୍ରଭାବିତ ହୋଇ ବିଜେଡି ରେ ଯୋଗ ଦେଇଥିବା ଉଲ୍ଲେଖ କରି ଆଗାମୀ ଦିନ ରେ ବରଗଡ଼ ର ଡବଲ ବିକାଶ ପାଇଁ ଡବଲ ଶଙ୍ଖ ରେ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ ହେବ ବୋଲି ପରି ପ୍ରକାଶ କରିଥିଲେ। ବରଗଡ଼ ବିଧାୟକ ଦେବେଶ ବାବୁ ଙ୍କ ନେତୃତ୍ୱ ରେ ବରଗଡ଼ ର ବ୍ୟାପକ ବିକାଶ ସମ୍ଭବ ହୋଇଥିବା ବେଳେ ଆଗକୁ ତାଙ୍କ ର ନେତୃତ୍ୱ ରେ ବରଗଡ଼ ର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଶ୍ରୀ ଆଚାର୍ଯ୍ୟ, ବରିଷ୍ଠ ବିଜେଡି ନେତା ସମ୍ବିତ ଆଚାର୍ଯ୍ୟ, ଶୟନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବରଗଡ଼ ବିଜୁ ଜନତା ଦଳ ତରଫରୁ ଟାଉନ ବିଜେଡି ସଭାପତି କିଶୋର ମିଶ୍ର ଶ୍ରୀ ନାଏକ ଙ୍କ ଯୋଗଦାନ କୁ ସ୍ୱାଗତ କରିଥିଲେ।

## ଛାତ୍ରଛାତ୍ରୀଙ୍କୁ ନିର୍ବାଚନ ଦିଗଦର୍ଶନ, ଶିକ୍ଷକଶିକ୍ଷୟିତ୍ରୀଙ୍କ ପ୍ରୟାସ ପ୍ରଶଂସନୀୟ

ବରଗଡ଼, ୨୪।୪ (ସମିସ)

ବର୍ତ୍ତମାନ ରାଜ୍ୟ ତଥା ଦେଶରେ ନିର୍ବାଚନୀ ତାତି ଦେଖିବାକୁ ମିଳିଥିବା ବେଳେ ଝାରବନ୍ଧ ଅଞ୍ଚଳରେ ଦେଖିବାକୁ ମିଳିଛି ଏକ ଭିନ୍ନ ଧରଣର ନିର୍ବାଚନ ଯେଉଁଥିରେ ସାଧାରଣ ନିର୍ବାଚନ ଢଙ୍ଗରେ ସବୁ କାର୍ଯ୍ୟ ହେଉଛି କିନ୍ତୁ ଭୋଟର ସାଜିଛନ୍ତି କୁନି କୁନି ଛାତ୍ରଛାତ୍ରୀ। ଆମେ କହୁଛୁ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ସନଦାଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କଥା। ଝାରବନ୍ଧ ବ୍ଲକ ଅନ୍ତର୍ଗତ ବୈତାଳି କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ତଥା ମାର୍ଗଦର୍ଶନରେ କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟ ରେ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଏକାଡେମିକ କ୍ୟାଲେଣ୍ଡର ଅନୁସାରେ ସମସ୍ତ ବିଦ୍ୟାଳୟରେ ଗତ ୧୫ ତାରିଖରେ ବିଦ୍ୟାଳୟ କ୍ୟାବିନେଟ ଗଠନ କରାଯାଇଥିଲା ଯାହାକି ମତଦାନ ମାଧମରେ ହୋଇଥିଲା। ଛାତ୍ରଛାତ୍ରୀ ମାନେ



ଭୋଟର ସାଜିଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପ୍ରିଜାଇଡିଂ ଅଫିସର ତଥା ପୋଲିଂ ଅଫିସର ସାଜିଥିଲେ। ପ୍ରଥମେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନେ ପ୍ରଧାନ ଶିକ୍ଷକ ରାଜେଶ କୁମାର ସୁନାଙ୍କ ଠାରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଏହା ପରେ ନିର୍ବାଚନରେ ଲଢୁଥିବା ଛାତ୍ରଛାତ୍ରୀ ମାନେ ନିଜର ପ୍ରଚାର କାର୍ଯ୍ୟ କରିଥିଲେ। ପ୍ରଚାର କାର୍ଯ୍ୟ ସମ୍ପନ୍ନ ହେବା ପରେ ଭୋଟ ଗ୍ରହଣ କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ପ୍ରଥମ ଥର ଭୋଟ ଦେଇ ଖୁବ ଉତ୍ସାହିତ ଥିଲେ। ପ୍ରଥମ ପୋଲିଂ ଅଫିସର ଦାୟିତ୍ୱ ଶିକ୍ଷକ ବାଳମକୁନ୍ଦ ବାରିକ ତୁଲାଇଥିଲେ। ଦ୍ୱିତୀୟ ପୋଲିଂ ଅଫିସର ରାଜେଶ ପ୍ରଧାନ, ତୃତୀୟ ପୋଲିଂ ଅଫିସର ଭାବେ ଗାୟତ୍ରୀ ସେଠ ଦାୟିତ୍ୱ ତୁଲାଇଥିଲେ। ପ୍ରଧାନ ଶିକ୍ଷକ ପ୍ରିଜାଇଡିଂ ଅଫିସର ଦାୟିତ୍ୱ ତୁଲାଇଥିଲେ। ମତଦାନ ସମ୍ପୂର୍ଣ୍ଣ ହେବା ପରେ ଭୋଟ ଗଣତି ହୋଇଥିଲା। ମୁଖ୍ୟମନ୍ତ୍ରୀ ଭାବେ ମିତ୍ରଭାନୁ ବନଛୋର ବିଜୟୀ ଘୋଷିତ ହୋଇଥିଲେ। କ୍ରୀଡ଼ାମନ୍ତ୍ରୀ ଭାବେ ତନୟା ଶାଣ୍ଢ ନିର୍ବାଚିତ ହୋଇଥିଲେ। ଛାତ୍ରଛାତ୍ରୀ ମାନେ ଉଭୟଙ୍କୁ ପାଛୋଟି ନେଇଥିଲେ ପରେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀ ମାନେ ନିର୍ବାଚନ ସମ୍ପର୍କିତ ଧାରଣା ପାଇବା ସହ ମତଦାନ ପ୍ରକ୍ରିୟା ସମ୍ପର୍କରେ ଜ୍ଞାନ ଆହୋରଣ କରିଥିଲେ।

# ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

**ଦେବଗଡ଼, ୨୪।୪(ସମିସ):** ନିର୍ବାଚନ ପାଇଁ ଦେବଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ନୂତନ ପୋଲିଂ ଓ ପ୍ରିଜାଡିଇଙ୍ଗ ଅଧିକାରୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ରାଜ୍ୟରେ ହେବାକୁ ଥିବା ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ମତଦାନ ପ୍ରକ୍ରିୟା ସରଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ନିଯୁକ୍ତ ନୂତନ ପୋଲିଙ୍ଗ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଧର୍ମାନନ୍ଦ ବେହେରା, ଉପଜିଲ୍ଲାପାଳ ପରକ୍ଷିତ ସାହୁ,




ଡେପୁଟି କଲେକ୍ଟର (ନିର୍ବାଚନ) ଏଜେଲିନ୍ ବାରା, ଡେପୁଟି କଲେକ୍ଟର ଅଞ୍ଜୁନୀ କୁଜୁର, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁ, ତାପସ ମହାନ୍ତ, ରାଜୀବ ଲୋଚନ ନାଏକ, ପିଏ (ଆଇଟିଡିଏ) ସନ୍ଧ୍ୟାରାଣୀ ମାଝୀ ପ୍ରମୁଖଙ୍କୁ ପର୍ଯ୍ୟାୟକ୍ରମେ ତାଲିମ୍ ପ୍ରଦାନ ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି ଶିବିରରେ ନୂତନ ୫୨ ଜଣ ପୋଲିଙ୍ଗ ଅଧିକାରୀ ଓ ପ୍ରିଜାଡିଂ ଅଧିକାରୀଙ୍କୁ ସାଧାରଣ ନିର୍ବାଚନ ପରିଚାଳନା ନିଜ ନିଜ ଦାୟିତ୍ୱ କିପରି ନିର୍ଭୁଲ୍ ଭାବେ ତୁଲାଇବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ବୁଥ୍ ପର୍ଯ୍ୟନ୍ତ ଯିବେ ଓ ବୁଥ୍‌ରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ତାହା ବୁଝାଇଥିଲେ। ଭୋଟ ଗ୍ରହଣ ଦିନ ଶାନ୍ତିଶୃଙ୍ଖଳା ସହ ଭୋଟ ଦାନ ପ୍ରକ୍ରିୟା, ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ ରଖି ସୂଚନା ଦେବାକୁ ତାଲିମ୍ ପ୍ରଦାନ କରାଯାଇଛି। ଇଭିଏମ୍, ଭିଭିପାଟ କିପରି ସଂଯୋଗ କରାଯିବ ସେ ନେଇ ସୂଚନା ଦିଆଯାଇଛି। ପ୍ରତ୍ୟେକ ପୋଲିଙ୍ଗ ଅଧିକାରୀ ନିଜ ନିଜର ଦାୟିତ୍ୱ ସୂଚାରୁରୂପେ ତୁଲାଇବା ସହ ଗଣତନ୍ତ୍ରର ପବିତ୍ର କାର୍ଯ୍ୟକୁ ସଫଳତାର ସହ ସମ୍ପାଦନ କରିବା ପାଇଁ ପ୍ରଶିକ୍ଷଣ ଶିବିରରେ କୁହାଯାଇଛି।

## ପ୍ରବଳ ତାତି ସତ୍ତ୍ୱେ ବବିଙ୍କ ପ୍ରତି ଜନ ସମର୍ଥନ

# କ୍ଷମତା ଲାଳସାରେ ନିମ୍ନ ରାଜନୀତି କରୁଛି ବିଜେପି

ଦେବଗଡ଼, ୨୪।୪(ସମିସ)

କ୍ଷମତା ଲାଳସାରେ ନିମ୍ନ ରାଜନୀତି କରୁଛି ବିଜେପି। ଏକ ନିର୍ଦ୍ଦିଷ୍ଟ ଚ୍ୟାନାଲରେ ମିଥ୍ୟା ଖବର ପ୍ରସାରଣ

**ଜନ ସମାଗମକୁ ସହି ନ ପାରି ବିରୋଧୀ ଛାନିଆ**

**ଏକ ନିର୍ଦ୍ଦିଷ୍ଟ ଚ୍ୟାନେଲ ମିଥ୍ୟା ପ୍ରଳାପରେ ବ୍ୟସ୍ତ**



ଜାରି ରଖିଛି। ଲୋକଙ୍କୁ ବିଭ୍ରାନ୍ତ କରିବାର ଅପଚେଷ୍ଟା କରି ଉକ୍ତ ଚ୍ୟାନେଲ ଲୋକ ହସା ହେଉଛି। ନିର୍ବାଚନ ବେଳେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଉଦ୍ଦେଶ୍ୟରେ ଗତ ୨୫ ବର୍ଷର ସ୍ଥିର ସରକାର ଜିଲ୍ଲାରେ ଗୋଟିଏ ହେଲେ ଉନ୍ନତି ମୂଳକ କାର୍ଯ୍ୟ କରି ନ ଥିବା ଉକ୍ତ ଚ୍ୟାନେଲ ପ୍ରସାରଣ କରୁଛି। ଏହାକୁ ବିଭିନ୍ନ ମହଲରେ ନାପସନ୍ଦ କରାଯାଇଛି। ପ୍ରବଳ ଗ୍ରୀଷ୍ମ ସତ୍ତ୍ୱେ ବୁଧବାର ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପଲସମା ହାଇସ୍କୁଲ ଖେଳ ପଡ଼ିଆରେ ସମ୍ବଲପୁର ସାଂସଦ ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ କାର୍ଯ୍ୟକ୍ରମରେ ଜନ ସମାଗମ ହୋଇଥିଲା। ଏହା ଦେଖି ଉକ୍ତ ଚ୍ୟାନେଲ ଅଧିକ ପ୍ରତିକ୍ରିୟାଶିଳ ହୋଇ ପଡ଼ିଛି। ବାସ୍ତବ ତଥ୍ୟ ପ୍ରସାରଣ ନ କରି ମାଲିକଙ୍କୁ ଖୁସି କରିବାକୁ ମିଥ୍ୟା ପ୍ରଳାପ କରିଛି। ଉକ୍ତ ନିର୍ଦ୍ଦିଷ୍ଟ ଚ୍ୟାନେଲ ସଭା ଆରମ୍ଭର ବହୁ ପୂର୍ବରୁ ନତୁବା ସଭା ସାଙ୍ଗ ହେବା ପରେ ଲୋକେ ନିଜନିଜ ଆସନ ଛାଡି ଯିବା ସମୟର ଚିତ୍ର ଉତ୍ତୋଳନ କରି ଖାଲି ଚେୟାର ଦେଖାଇବାର ହିନ ଚକ୍ରାନ୍ତ କରିଛି। ତେବେ ବାସ୍ତବ ତଥ୍ୟ ନ ଦେଖାଇ ମିଥ୍ୟା ପ୍ରଳାପ କରି ଏକ ନିର୍ଦ୍ଦିଷ୍ଟ ରାଜନେତାଙ୍କ ଉକ୍ତି 'ମିଥ୍ୟା କୁହ। ଏତେ ଜୋର ଜୋରରେ କୁହ ଯେ, ଲୋକେ ମିଛକୁ ସତ ଭାବିବାକୁ ବାଧ ହେବେ' ନୀତି ଆପଣେଇଛି।

# ପଲସମାରେ ବିଜେଡି କର୍ମୀ ସମ୍ମିଳନୀ

**ଦେବଗଡ଼, ୨୪।୪(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ପଲସମା ହାଇସ୍କୁଲ ଖେଳ ପଡ଼ିଆରେ ବୁଧବାର ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ଉନ୍ନତିମୂଳକ କାର୍ଯ୍ୟକୁ ଦେବଗଡ଼ ବିଧାୟକ ବିରୋଧ କରୁଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ସଂସଦୀୟ କ୍ଷେତ୍ର ଦେବଗଡ଼ ପରି କୃଷି ପ୍ରଧାନ ଜିଲ୍ଲାରେ କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନାହାନ୍ତି। ଲୋକଙ୍କୁ ଧର୍ମେନ୍ଦ୍ର କେବଳ ମିଛ ପ୍ରତିଶ୍ରୁତି ଦେଉଛନ୍ତି ବୋଲି ମତ ପ୍ରକାଶ ପାଇଛି। ପୂର୍ବାହ୍ନରେ ବିଜେଡି ଜିଲ୍ଲା ସଭାପତି ଚିତ୍ତ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡ଼ିର ସାଂଗଠାନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ବିଜେଡ଼ି ପ୍ରାର୍ଥୀ ପ୍ରଣବ




ପ୍ରକାଶ ଦାସ, ଦେବଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ଅରୁନ୍ଧତୀ ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଞ୍ଜିଆ ଭୋଇ, କେନ୍ଦୁପତ୍ର ତୋଳାଳୀ ମହାସଙ୍ଘ ରାଜ୍ୟ ସମ୍ପାଦକ ସଞ୍ଜିତ ମହାନ୍ତି, ଦେବଗଡ଼ ପୌରପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଦେବଗଡ଼ରେ ଦଳୀୟ ସଂଗଠନକୁ ସୁଦୃଢ଼ କରି ବିଜେଡିର ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କୁ ବିଜୟୀ କରାଇ ବିରୋଧୀ ଦଳକୁ ଦୃଢ଼ ଜବାବ ଦେବାକୁ ଉପସ୍ଥିତ ହଜାର ହଜାର ଦଳୀୟ କର୍ମୀ ସଂକଳ୍ପ କରିଥିଲେ।

# ଡଙ୍ଗାବୁଡ଼ି ଉଦ୍ଧାରକାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କଲେ ବିଧାୟିକା

**ଝାରସୁଗୁଡ଼ା, ୨୪।୪(ସମିସ):** ଲଖନପୁର ବ୍ଲକ ଅନ୍ତର୍ଗତ ରେମତା ଗ୍ରାମ ପଞ୍ଚାୟତର ଶରଧା ଗ୍ରାମକୁ ବ୍ରଜରାଜନଗର ବିଧାୟିକା ତଥା ବର୍ତ୍ତମାନର ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥୀନୀ ଅଲକା ମହାନ୍ତି ଯାଇ ଡଙ୍ଗାବୁଡ଼ିରେ



ଉଦ୍ଧାରକାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା କରିଥିଲେ। ଏହି ଅବସରରେ ଲଖନପୁର ବ୍ଲକ ସଭାପତି ରବିରତ୍ନ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟ ଜୋନ୍ -୧ ସନତ ସିଂ, ରେମତା ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ମହେଶ ପୁଟା, ପୂର୍ବତନ ସରପଞ୍ଚ ପ୍ରଦୀପ ବିଶ୍ୱାଳ, ଜିଲ୍ଲା ବିଜେଡି ସମ୍ପାଦକ ପ୍ରମୋଦ ଗଡ଼ତିଆ, ସୁରେନ୍ଦ୍ର ବେହେରା, ଓମ୍ ପ୍ରକାଶ ମିଶ୍ର, ଦେବଦତ୍ତ ନାଥ, ଗଜାନନ ପ୍ରଧାନ, ପ୍ରଫୁଲ୍ଲ ସାହୁ, ଜୟକୁମାର ପ୍ରଧାନ, ଫଗୁଲାଲ ସାହୁ ଓ ସରୋଜ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବ ଭୋଟର ସଚେତନତା କାର୍ଯ୍ୟକ୍ରମ

**ଦେବଗଡ଼, ୨୪।୪(ସମିସ):** ସାଧାରଣ ନିର୍ବାଚନକୁ ଅଧିକ ଶୃଙ୍ଖଳିତ କରିବା ଏବଂ ମତଦାନ ହାର ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରୟାସ କରାଯାଉଛି। ଏହିକ୍ରମରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସୋମେଶ ଉପାଧ୍ୟାୟଙ୍କ ନିର୍ଦ୍ଦେଶକ୍ରମେ ଦେବଗଡ଼ ମହାବିଦ୍ୟାଳୟରେ ଯୁବ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଦେବଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁଦାମ ଚରଣ ପରିଡ଼ା ଓ ରାଜନୀତି ବିଜ୍ଞାନର ଅଧ୍ୟାପକ ପ୍ରତାପ ଦାସ ଯୋଗ ଦେଇଥିଲେ। ମେ ୨୫ ତାରିଖରେ ମତଦାନ କରିବାକୁ ୧୮ ବର୍ଷରୁ ଅଧିକ ଯୁବକ ଯୁବତୀ ତଥା ଯୁବ ଭୋଟରଙ୍କୁ ଉତ୍ସାହିତ କରିବା ସହ ସଚେତନ କରାଯାଇଛି। ଏହି ଅବସରରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଗଣତନ୍ତ୍ର ପରମ୍ପରା ବଜାୟ ରଖିବା ଏବଂ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗରିମାକୁ ବଜାୟ ରଖିବା ସହ ମତଦାନ ସାବ୍ୟସ୍ତ କରିବାକୁ ସଂକଳ୍ପ ନେଇଥିଲେ।

## ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲଙ୍କୁ ଆକ୍ରମଣ

# ଅଭିଯୁକ୍ତଙ୍କ ଗିରଫ ଦାବିରେ ଥାନା ଘେରାଓ

**ବ୍ରଜରାଜନଗର, ୨୪।୪ (ସମିସ):** ବ୍ରଜରାଜନଗର ପୌର ପରିଷଦର ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶହଶହ ବ୍ୟକ୍ତି ଥାନା ଘେରଉ କରିଛନ୍ତି। ପ୍ରକାଶଥାଉକି ପୂର୍ବତନ ନଗରପାଳ ନନ୍ଦକିଶୋର ଅଗ୍ରୱାଲ ବୁଧବାର ବୃନ୍ଦାବନ କଲୋନୀରେ ଏକ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଅପରାହ୍ନ ପ୍ରାୟ ୨ଟା୪୫ରେ ଯିବା ସମୟରେ ସ୍ଥାନୀୟ ବ୍ୟବସାୟୀ ଅରୁଣ ମୁଦ୍ରା, ତାଙ୍କ ପୁଅ ଓ ଅନ୍ୟ ଜଣେ ମିଳିତ ଭାବେ ଆକ୍ରମଣ କରିଥିଲେ। ଏ ନେଇ ଶ୍ରୀ ଅଗ୍ରୱାଲ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଶ୍ରୀ



ମୁଦ୍ରା ମଧ୍ୟ ଶ୍ରୀ ଅଗ୍ରୱାଲଙ୍କ ବିରୋଧରେ ଗାନ୍ଧିଛକ ଫାଣ୍ଡିରେ ପାଲଟା ଅଭିଯୋଗ କରିଛନ୍ତି। ମୁଦ୍ରାଙ୍କ ଅଭିଯୋଗ ଅନୁଯାୟୀ ସମସ୍ତେ ମିଶି ତାଙ୍କୁ ଜୀବନରୁ ମାରିଦେବା ନେଇ ଧମକ ଦେବା ସହିତ ଆକ୍ରମଣ କରିବା ସମୟରେ ନନ୍ଦକିଶୋରଙ୍କ ଭାଇ ତାଙ୍କୁ ରକ୍ଷା କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ନନ୍ଦକିଶୋର ଅଭିଯୋଗ କରିଛନ୍ତି ଯେ ଉଭୟଙ୍କ ମଧ୍ୟରେ ବ୍ୟବସାୟିକ ଶତ୍ରୁତାକୁ ନେଇ ତାଙ୍କୁ ଆକ୍ରମଣ କରାଯାଇଛି। ନନ୍ଦକିଶୋରଙ୍କୁ ଆକ୍ରମଣ ନେଇ ସ୍ଥାନୀୟ ଲୋକମାନେ ଥାନା ଆଗରେ ଧାରଣା ଦେବାରୁ କିଛି ସମୟ ଧରି ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ବ୍ରଜରାଜନଗର ଏସଡ଼ିପିଓ ଓ ଥାନାଧିକାରୀ ଏହି ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବ୍ରଜରାଜନଗର ବିଧାୟିକା ଅଳକା ମହାନ୍ତି ଥାନା ଆସି ଘଟଣା ସମ୍ପର୍କରେ ବୁଝାସୁଝା କରିବା ସହିତ ଖୁବ ଶୀଘ୍ର ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏସଡ଼ିପିଓଙ୍କୁ ପରାମର୍ଶ ଦେଇଥିଲେ।

# ବିଭିନ୍ନ ବୁଥ୍ ପରିଦର୍ଶନ କେଲେ ଜିଲ୍ଲାପାଳ

**ଝାରସୁଗୁଡ଼ା, ୨୪।୪(ସମିସ):** ଝାରସୁଗୁଡ଼ା ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଆଜି ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲଖନପୁର ବ୍ଲକ ଓ ବେଲପାହାଡ଼ ପୌରାଞ୍ଚଳର ବିଭିନ୍ନ ବୁଥ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ



କହିଛନ୍ତି ଆସନ୍ତା ୨୦ ତାରିଖ ଝାରସୁଗୁଡ଼ା ଜିଲ୍ଲାର ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀରେ ମତଦାନ ହେବ। ସେଥିପାଇଁ ବୁଥ ମାନଙ୍କରେ ଭୋଟରମାନଙ୍କ ପାଇଁ କିଭଳି ପାନୀୟ ଜଳ, ବିଦ୍ୟୁତ୍, ଶୌଚାଳୟ ଆଦି ସୁବିଧା ତଥା ସୁପରିଚାଳନା କରାଯାଇପାରିବ ସେନେଇ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେମାନେ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ସାଧାରଣ ନିର୍ବାଚନରେ ପ୍ରତିଟି ବୁଥରେ କିଭଳି ଭୋଟରମାନେ ଅଧିକରୁ ଅଧିକ ମତଦାନ କରିପାରିବେ ସେନେଇ ସ୍ୱିପ୍ ରଥ ସହିତ ବିଭିନ୍ନ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲାର ସମସ୍ତ ଶିଳ୍ପ ଓ ଖଣିରେ କାର୍ଯ୍ୟରତ ଶ୍ରମିକମାନେ କିଭଳି ସୁରୁଖୁରୁରେ ମତଦାନ କରିପାରିବେ ସେନେଇ ମଧ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଶେଷ ଭାବେ ଚାଲି ପାରିନଥିବା ଅକ୍ଷମ ଭିନ୍ନକ୍ଷମ ଓ ବୃଦ୍ଧବୃଦ୍ଧାଙ୍କ ସେମାନଙ୍କ ନିଜ ଘରେ ହିଁ ଭୋଟ ଗ୍ରହଣ ପାଇଁ ଏଥର ପ୍ରଥମ ଥର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୁବ୍ୟବସ୍ଥା କରାଯାଇଛି। ଏବଂ ଯେଉଁମାନେ ବୁଥକୁ ଆସି ଭୋଟ ଦେବାକୁ ସକ୍ଷମ ଥିବା ସେଭଳି ଭୋଟରଙ୍କ ପାଇଁ ସକ୍ଷମ ରଥର ମଧ୍ୟ ସୁବିଧା କରାଯାଉଛି। ହୋମ୍ ଭୋଟିଂ ପାଇଁ ପ୍ରାର୍ଥୀଙ୍କ ଚୂଡାନ୍ତ ତାଲିକା ଘୋଷିତ ହେବ ଏହାର ପ୍ରକ୍ରିୟା ଆରମ୍ଭ ହେବ। ପ୍ରାର୍ଥୀମାନଙ୍କ ପ୍ରାର୍ଥୀପତ୍ର ଦାଖଲ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇସାରିଛି ବୋଲି ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ପ୍ରକାଶ କରିଛନ୍ତି।

# ଝାରମୁଣ୍ଡା ବିଜୁ ଜନତା ଦଳ ପକ୍ଷରୁ ମହିଳା ସମାବେଶ

**ଝାରସୁଗୁଡ଼ା, ୨୪।୪(ସମିସ):** କିର୍ମିରା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଗ୍ରାମ ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଏକ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥୀ ପରୀନିତା ମିଶ୍ର, ବିଧାନସଭା ପ୍ରାର୍ଥୀ ଦିପାଲି ଦାସ, ଜିଲ୍ଲା ସଭାପତି ରବି ସିଂ, ବରିଷ୍ଠ ସକ୍ରିୟ କର୍ମୀ ସୁଶାନ୍ତ ମିଶ୍ର, ଆଶା ସିହ୍ନା, ତୁଫାନ ସା, ସତ୍ନାମୀ ପଟେଲ ସମେତ ଅନ୍ୟ ବରିଷ୍ଠ ନେତୃବୃନ୍ଦ ମଞ୍ଚାସୀନ ଥିଲେ। ସମାବେଶରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଓ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ ପରେ ସଭା ଆରମ୍ଭ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଛବିକୁ ଅନୁସରଣ କରି ତଥା ମହିଳାମାନଙ୍କୁ ସଶକ୍ତିକରଣ କରିବା, ସ୍ୱାବଲମ୍ବୀ ତଥା ମହିଳାମାନଙ୍କ ହାତମୁଠାକୁ ଟାଣ କରିବା ଦିଗରେ ଭାରତ ବର୍ଷରେ ପ୍ରଥମ ସ୍ଥାନ ଅଧିକାର କରି ଇତିହାସ ରଚିଛନ୍ତି। ଏହି ନାରୀ ସଶକ୍ତିକରଣ ପାଇଁ ଓ ଦିପାଲି ଦାସଙ୍କ ୮ ମାସର ବିକାଶ ମୂଳକ କାର୍ଯ୍ୟରୁ ପ୍ରଭାବିତ ହୋଇ କିର୍ମିରା ବ୍ଲକ ଅନ୍ତର୍ଗତ ବାଇଯାପାଲି ଗ୍ରାମର ବହୁ ଯୁବକ ଯୁବତୀ ଭାରତୀୟ ଜନତା ପାର୍ଟି ଛାଡ଼ି ବିଜୁ ଜନତା




ଦଳରେ ସାମିଲ ହୋଇଛନ୍ତି। ଏହି ସଭାର ମୁଖ୍ୟ ଆକର୍ଷକ ବିଧାୟିକା ପ୍ରାର୍ଥୀ ଦିପାଲି ଦାସ ନିଜ ବକ୍ତବ୍ୟରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ଝାରସୁଗୁଡ଼ା ନୂତନ ନିର୍ମାଣ ପଥରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ପ୍ରତ୍ୟେକ ଗ୍ରାମାଞ୍ଚଳରେ କୀର୍ତ୍ତନମଣ୍ଡପ ଓ କଲ୍ୟାଣମଣ୍ଡପ ନିର୍ମାଣ କରି ନିଜ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ବିକାଶ ମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଦାସର୍ବଦା ନିଜକୁ ୩୬୫ ଦିନ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଏହା ସହ ବିଜେପି ସବୁ ସମୟରେ ଜନସାଧାରଣଙ୍କୁ ଅନ୍ଧାରରେ ରଖି ଜନବିରୋଧି କାର୍ଯ୍ୟ କରି ଆସୁଛନ୍ତି ବୋଲି କହି ଏଥର ୬୦ ହଜାର ପାର ନାରା ଦିଆ ଯାଇଛି। ବିଜେପି ଦ୍ୱାରା ରାଜ୍ୟ ତଥା ଦେଶ ସାରା ଗ୍ୟାସ୍, ପେଟ୍ରୋଲ, ଡିଜେଲ, ଖାଉଟି ଦ୍ରବ୍ୟ ଦରଦାମ ବୃଦ୍ଧି ଯଦି ବିକାଶ ଅଟେ ତେବେ ଏହି ବିକାଶ ଆମକୁ ଦରକାର ନାହିଁ ବୋଲି କହିଛନ୍ତି। ଆଜିର ଏହି ସଭାକୁ ଚୂଡ଼ାମଣି ସାହୁ ପରିଚାଳନା କରିଥିଲେ। ଏହି ସମାବେଶରେ ହଜାର ହଜାର ମହିଳା ପୁରୁଷ ଯୋଗଦେଇଥିଲେ।

# କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକ

**ଝାରସୁଗୁଡ଼ା, ୨୪।୪ (ସମିସ):** ବେଲପାହାଡ଼ ଗଙ୍ଗାଧର ମେହେର ଭବନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ବେଲପାହାଡ଼ ମେହେର (ଭୁଲିଆ) ସମାଜ ତରଫରୁ ପାଳନ କରାଯାଇଅଛି। କାର୍ଯ୍ୟକ୍ରମରେ ସମାଜର ଅଧିକାଂଶ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟ ସଦସ୍ୟାଗଣ ଉପସ୍ଥିତ ରହି କବିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବେଲପାହାଡ଼ ଫାଟକରେ ଶ୍ରାଦ୍ଧ ଶତବାର୍ଷିକୀ ପାଳନ ଉପଲକ୍ଷେ ଜନସାଧାରଣଙ୍କୁ ଦହି ସରବତ ବଣ୍ଟନ କରାଯାଇଥିଲା। ସଭାପତି ଗୋପାଳ ମେହେର, ସମ୍ପାଦକ ମୋତିରାମ ମେହେର, ଯୁଗ୍ମ ସମ୍ପାଦକ ବଂଶୀଧର ମେହେର, କୋଷାଧ୍ୟକ୍ଷ କାଶିଆ ମେହେର, ଶ୍ରୀକାନ୍ତ ମେହେର, ଭୀମଶଙ୍କର ମେହେର, ନିରାକାର ମେହେର, କୃଷ୍ଣଚନ୍ଦ୍ର ମେହେର, ବିକ୍ରମ ମେହେର, ପ୍ରମୋଦ ମେହେର, ଚନ୍ଦ୍ରମଣି ମେହେର ପ୍ରମୁଖ ରହି କାର୍ଯ୍ୟକ୍ରମରେ ବିଶେଷ ସହଯୋଗ କରିଥିଲେ।

## ଖେରୁଆଲରେ ବିଜେଡି କର୍ମୀ ସମ୍ମିଳନୀ

# ମିଶ୍ରଣ ପର୍ବରେ ବିଜେପିର ଶତାଧିକ କର୍ମୀ

ଝାରସୁଗୁଡ଼ା, ୨୪।୪(ସମିସ)

ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ଖେରୁଆଲ ଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମୀ ସମ୍ମିଳନୀରେ ବରଗଡ଼ ଲୋକସଭା ସାଂସଦ ପ୍ରାର୍ଥୀ ପରୀଣିତା ମିଶ୍ର, ବିଧାନସଭା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ, ଜିଲ୍ଲା ପର୍ଯ୍ୟବେକ୍ଷକ ବିଷ୍ଣୁ କେଡିଆ, ଜିଲ୍ଲା ସଭାପତି ରବି ସିଂ, ଜିଲ୍ଲା ପରିଷଦ ସଭ୍ୟ ଦିଗାମ୍ବର ଭୋଇ, ବ୍ଲକ ଅଧ୍ୟକ୍ଷ ଦାମୋଦର ନାଥ, ବରିଷ୍ଠ ସକ୍ରିୟ କର୍ମୀ ସୁଶାନ୍ତ ମିଶ୍ର ମଞ୍ଚାସୀନ ଥିଲେ। ସମ୍ମିଳନୀ ପ୍ରାରମ୍ଭରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ, ଝାରସୁଗୁଡ଼ାର ନବନିର୍ମାତା ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଓ ମା' ସମଲେଶ୍ୱରୀଙ୍କ ଫଟୋ ଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଓ ନିର୍ମଳ ଛବିକୁ ଅନୁସରଣ ତଥା ସୁଶ୍ରୀ



ଦିପାଲି ଦାସଙ୍କ ୮ ମାସର ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ଗ୍ରାମାଞ୍ଚଳର ଶତାଧିକ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ଓ କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। ଆଜିର ଏହି ମିଶ୍ରଣ ପର୍ବରେ ପ୍ରଶ୍ନ ପଣ୍ଡା ଓ ବାବଲୁ ବାଗଙ୍କ ନେତୃତ୍ୱରେ ତାଳପଟିଆ ଗ୍ରାମ ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଥିବା ବେଳେ ବଡମାଲ, ଏଚ କଟାପାଲି, ପତ୍ରାପାଲି, ହିର୍ମା, କାଡିକେଲା, ଦଲକି ଗ୍ରାମ ପଞ୍ଚାୟତର ଶହ ଶହ ଲୋକ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟିକା ପ୍ରାର୍ଥୀ ସୁଶ୍ରୀ ଦିପାଲି ଦାସ ନିଜ ବକ୍ତବ୍ୟରେ ସ୍ୱର୍ଗୀୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ ଝାରସୁଗୁଡ଼ା ନୂତନ ନିର୍ମାଣ ପଥରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ସହ ପ୍ରତ୍ୟେକ ଗ୍ରାମାଞ୍ଚଳରେ କୀର୍ତ୍ତନ ମଣ୍ଡପ ଓ କଲ୍ୟାଣ ମଣ୍ଡପ ନିର୍ମାଣ କରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କର ଏହି ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଦାସର୍ବଦା ନିଜକୁ ୩୬୫ ଦିନ ପ୍ରସ୍ତୁତ ଅଛନ୍ତି ବୋଲି କହିଛନ୍ତି। ଏହି ସଭାକୁ କୃଷ୍ଣ ଚନ୍ଦ୍ର ବଡେଇ ପରିଚାଳନା କରିଥିବା ବେଳେ ଶହ ଶହ ଦଳୀୟ କର୍ମୀ ଯୋଗ ଦେଇଥିଲେ।

# ବିଭିନ୍ନ ଦାବି ନେଇ କ୍ରୀଡ଼ା ବିକାଶ ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଝାରସୁଗୁଡ଼ା, ୨୪।୪(ସମିସ):** ହଂସାମୁରା କଟାପାଲି ହାଇସ୍କୁଲ ସମ୍ମୁଖ ୪୯ ନମ୍ବର ଜାତୀୟ ରାଜପଥ ଦକ୍ଷିଣ ପାର୍ଶ୍ୱରେ ନିର୍ମାଣ ହେଉଥିବା ଖେଳପଡ଼ିଆ ତ୍ରୁଟିପୂର୍ଣ୍ଣ ଦର୍ଶାଇ ଜିଲ୍ଲାପାଳ ଆବୋଲୀ ସୁନୀଲ ନରୱଣେଙ୍କୁ କ୍ରୀଡା ବିକାଶ ସଙ୍ଗଠନ ତରଫରୁ ଏକ ଦାବିପତ୍ର ଦିଆଯାଇଛି।



ଉକ୍ତ ସଙ୍ଗଠନ ଅଭିଯୋଗ କରିଛି ଯେ ନିର୍ମାଣ ହେଉଥିବା ଖେଳ ପଡ଼ିଆକୁ ଖୋଳାଯାଇ ସେଥିରେ ବିଷାକ୍ତ ପାଉଁଶ ପକାଯାଉଛି। ଉକ୍ତ ପାଉଁଶ ଉପରେ ମାଟି ପକାଯାଉଥିବାରୁ ପଡ଼ିଆର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠାଇଛନ୍ତି। ସ୍ମାରକପତ୍ରରେ ଅନ୍ୟାନ୍ୟ ଦାବି ଗୁଡ଼ିକ ମଧ୍ୟରେ ରାଜ୍ୟ ତରଫରୁ ପ୍ରତିନିଧିତ୍ୱ କରି ଟ୍ରଫି ଆଣିଥିବା ଖେଳାଳି ଓ ସନ୍ତୋଷ ଟ୍ରଫି ଖେଳିଥିବା ଖେଳାଳିମାନଙ୍କୁ କ୍ରୀଡା କୋଟାରେ ଥଇଥାନ, ଜିଲ୍ଲାରେ ଗଢି ଉଠିଥିବା ଶିଳ୍ପାନୁଷ୍ଠାନ ଓ ଖଣି ଅଞ୍ଚଳ ମାନଙ୍କରେ କ୍ରୀଡାବିତ ମାନଙ୍କ ନିଯୁକ୍ତି ନିଶ୍ଚିତ କରିବା, ଜିଲ୍ଲା ଖଣିଜ ପାଣ୍ଠିରୁ ୫ ପ୍ରତିଶତ କ୍ରୀଡ଼ା ପାଇଁ ଖର୍ଚ୍ଚ କରାଯିବା, କ୍ରୀଡ଼ାବିତମାନେ ରୋଜଗାରକ୍ଷମ ନ ହେବା ପର୍ଯ୍ୟନ୍ତ ୧୦ ହଜାର ଟଙ୍କା ଭତ୍ତା ପ୍ରଦାନ ପ୍ରଭୃତି ଦାବି ରହିଛି। ଅନ୍ୟ ଦାବି ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତରେ ଜଣେ ଲେଖାଏଁ କ୍ରୀଡ଼ା ଶିକ୍ଷକ ପଦବି ସୃଷ୍ଟି କରି ନିଯୁକ୍ତି ଦିଆଯିବା, କ୍ରୀଡ଼ାବିତମାନଙ୍କୁ ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉତ୍ତମ ପ୍ରଦର୍ଶନ ପାଇଁ ଆବଶ୍ୟକ ଭିତ୍ତିଭୂମି ବ୍ୟବସ୍ଥା ଓ ପ୍ରୋତ୍ସାହନ ପ୍ରତ୍ୟେକ ଜିଲ୍ଲା ମୁଖ୍ୟାଳୟରେ ଉପଲବ୍ଧ କରାଯାଉ ବୋଲି ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ଅବସରରେ ସଙ୍ଗଠନର ସାଧାରଣ ସମ୍ପାଦକ ପ୍ରଭାକର ଓରାମ, ଉପସଭାପତି ସରୋଜ କୁମାର ମୁଣ୍ଡା, କ୍ରିୟାନୁଷ୍ଠାନ କମିଟି ସଦସ୍ୟ ନିତ୍ୟାନନ୍ଦ ଭଇଁଷା, ସୁଜିତ କୁଜୁର, ଆଇନ ପରାମର୍ଶଦାତା ଲକ୍ଷ୍ମୀଚରଣ ପାଲ, କାର୍ଯ୍ୟକାରୀ ସଦସ୍ୟ ତ୍ରିଲୋଚନ ତନସନା, କୈଳାସ ରୋହିଦାସ, ସୁମିତ ମୁଣ୍ଡା, ଅମିତ ମୁଣ୍ଡା, ଫକୀର ଓରାମ ଏବଂ ଛାତ୍ର ସାମ୍ମୁଖ୍ୟର ଜିତେନ୍ଦ୍ରୀୟ ଧୁରୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଅତ୍ୟାଧୁନିକ ହୋଇପାରୁନି ଟ୍ରାଫିକ୍ ସିଗ୍‌ନାଲ୍ ବ୍ୟବସ୍ଥା

# ବାଡ଼ି, ବୋର୍ଡ ଧରି ଟ୍ରାଫିକ୍ ନିୟନ୍ତ୍ରଣ କରୁଛି ପୁଲିସ୍

ସମ୍ବଲପୁର, ୨୪।୪(ସମିସ)

ସମ୍ବଲପୁର ସହର ଦେଇ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ଗୁଡ଼ିକ ଯାଇଛି। ସହରର ଅନେକ ସ୍ଥାନରେ ଜନଗହଳିପୂର୍ଣ୍ଣ, ଗୁରୁତ୍ୱପୂର୍ଣ୍ଣ ଛକ ରହିଛି, ଯାହାକି ଜାତୀୟ ଓ ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ତେଣୁକରି ପ୍ରାୟ ଡାଞ୍ଚାରେ ପୁଲିସ କର୍ମଚାରୀମାନେ ସିଗନାଲ ବୋର୍ଡ ଧରି ଛକରେ ଛିଡ଼ା ରହୁଛନ୍ତି। ଏଥିଯୋଗୁ କାର୍ଯ୍ୟରତ ଟ୍ରାଫିକ୍ କର୍ମଚାରୀଙ୍କୁ ସମସ୍ୟା ହେବା ସହ ଯାତ୍ରୀ ତଥା ଚାଳକ ମଧ୍ୟ ସମସ୍ୟାରେ ପଡୁଛନ୍ତି। ଏଭଳି ସ୍ଥିତିରେ ସହରର ଟ୍ରାଫିକ୍ ବ୍ୟବସ୍ଥା ଏକ ପ୍ରକାର ଫେଲ୍ ହୋଇଯାଇଛି। ସବୁଠି ଟ୍ରାଫିକ୍ ସମସ୍ୟା ଦେଖାଦେଇଛି। ଖରାତରାରେ



ସମୟରେ ଟ୍ରାଫିକ୍ ସମସ୍ୟା ଲାଗିରହିଥାଏ। ଟ୍ରାଫିକ୍ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ୯ବର୍ଷ ପୂର୍ବରୁ ଅଟୋମେଟିକ୍ ସିଗ୍‌ନାଲ ମେସିନ ଛକ ଗୁଡ଼ିକରେ ଖଞ୍ଜା ଯାଇଥିଲା। ପୁଲିସ କର୍ମଚାରୀଙ୍କୁ ସହାୟତା କରିବ ଓ କମ୍ କର୍ମଚାରୀରେ ଟ୍ରାଫିକ୍ ନିୟନ୍ତ୍ରଣ ହୋଇଯିବ ସେ ନେଇ ଲକ୍ଷ୍ୟ ରଖାଯାଇଥିଲା। ହେଲେ କିଛିମାସ ଚଳିବା ପରେ ଏହି ସିଗ୍‌ନାଲ ପୋଷ୍ଟ ଗୁଡ଼ିକ କାମ ଦେଲାନାହିଁ। ଏବେ ମଧ୍ୟ ଟ୍ରାଫିକ୍ ପୁଲିସ୍ ହାତରେ ବାଡ଼ି ଓ ବୋର୍ଡ ଧରି ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ବ୍ୟବସ୍ଥାରେ ଏତେ ସୁଧାର ଆସିବା, ଜ୍ଞାନକୌଶଳ ଯୋଗାଇ ଦେବା ପରେ ମଧ୍ୟ ସ୍ୱ ପରିଚାଳନାରେ ଟ୍ରାଫିକ ବ୍ୟବସ୍ଥା ନାହିଁ। ସେହି ପରୁଣା ପୁଲିସ କର୍ମଚାରୀମାନେ ଛିଡ଼ା ହୋଇ ଟ୍ରାଫିକ ପରିଚାଳନା କରୁଛନ୍ତି। କର୍ମଚାରୀ କମ୍ ଥିବାରୁ ସବୁ ସ୍ଥାନରେ ଟ୍ରାଫିକ ସମସ୍ୟାରେ ସୁଧାର ଆଣି ପାରୁ ନଥିବା ଅଭିଯୋଗ ହୋଇଛି। ବାରମ୍ବାର ରାସ୍ତା ଜାମ, ଦୁର୍ଘଟଣା ଘଟୁଛି। ହେଲେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ସମ୍ବଲପୁର ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନ ଏହି ସମସ୍ୟାରେ ସୁଧାର ଆଣିବା ପାଇଁ ସର୍ଭେ ପରେ ସର୍ଭେ କରୁଛନ୍ତି। ହେଲେ ସେହି ପ୍ରକଳ୍ପ କେବଳ ଫାଇଲ୍ ତଳେ ହଜିଯାଉଛି। ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ଥର ଜିଲ୍ଲା ରୋଡ୍ ସେଫ୍‌ଟି କମିଟି ବୈଠକ ବସିଛି। ଏଠାରେ ବି ଚିରାଚରିତ ଢଙ୍ଗରେ ସିସିଟିଭି, ସିଗନାଲ୍ ଲାଇଟ୍ ଆଦି ତମାମ୍ ପ୍ରସଙ୍ଗ ଉପରେ ଆଲୋଚନା

ହେଉଛି। ମାତ୍ର ସବୁଥର ବୈଠକରେ ହିଁ ଯୋଜନା ସୀମିତ ରହୁଥିବା ଅଭିଯୋଗ ହୋଇଛି। ସମ୍ବଲପୁର ସହର ଦେଇ ୨ଟି ଜାତୀୟ ରାଜପଥ ଓ ୨ଟି ରାଜ୍ୟ ରାଜପଥ ଯାଇଛି। ଏହି ରାଜପଥଗୁଡ଼ିକରେ ଦୈନିକ ହଜାର ହଜାର ଭାରୀଯାନ ଚଳାଚଳ କରୁଛି। କିନ୍ତୁ ସୁବ୍ୟବସ୍ଥିତ ଟ୍ରାଫିକ୍ ବ୍ୟବସ୍ଥା ନଥିବାରୁ ଜାତୀୟ ରାଜପଥରେ ନିତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ନିକଟରେ ଲଗାତାର ଭାବେ ଅଇଁଠାପାଲି ଛକ, ରେମେଡ଼ ଛକରେ ଦୁର୍ଘଟଣା ଘଟି ଲୋକଙ୍କ ଅକାରଣେ ମୃତ୍ୟୁ ଘଟିଛି। କେବଳ ଯେ ଜାତୀୟ ରାଜପଥ ନୁହେଁ ବରଂ ସହରର ସମ୍ବେଦନଶୀଳ ତଥା ବ୍ୟସ୍ତବହୁଳ ଲକ୍ଷ୍ମୀଟକିଜ ଛକ, ଚର୍ଚ୍ଚ ଛକ, ଜେଲ୍ ଛକ, ଜିଲ୍ଲା ସ୍କୁଲ ଛକ, ଧନୁପାଲି ଛକରେ ବି ଅନୁରୂପ ଅବସ୍ଥା। କେଇବର୍ଷ ତଳେ ସହରର ଛକ ଜାଗାମାନଙ୍କରେ ସିଗନାଲ୍ ଲାଇଟ୍ ଲଗାଯାଇଥିଲା। ମାତ୍ର ପ୍ରଶାସନର ଅବହେଳା ଯୋଗୁ ଉକ୍ତ ଲାଇଟ୍‌ଗୁଡ଼ିକ ଅଚଳ ହେବା ପରେ ତାକୁ ମରାମତି କରାଗଲାନି। ପରବର୍ତ୍ତୀ ସମୟରେ ଉକ୍ତ ଲାଇଟ୍ ଖୁଣ୍ଟ ସହ ବି କୁଆଡ଼େ ଗାଏବ୍ ହୋଇଗଲା। ୨୦୧୮ରେ ସହରର ବିଭିନ୍ନ ଛକ ଜାଗାମାନଙ୍କରେ ଯେଉ ୬୩ଟି ସିସିଟିଭି କ୍ୟାମେରା ଖଞ୍ଜାଯାଇଥିଲା ତାହା ମଧ୍ୟରୁ ବି ଅନେକ ଅଚଳ ହୋଇଗଲାଣି। ଗତ କିଛିବର୍ଷ ତଳେ ଛକ ଜାଗାମାନଙ୍କରେ ଉଚ୍ଚକ୍ଷମତା ସମ୍ପନ୍ନ ସିସିଟିଭି କ୍ୟାମେରା ଖଞ୍ଜିବା ନେଇ ତିନି ତିନି ଥର ସର୍ଭେ ହୋଇଥିଲା। ମାତ୍ର ତାହା ବି କେବଳ ସର୍ଭରେ ଅଟକି ରହିଯାଇଛି। ସ୍ଥିତି ଏପରି ହୋଇଛି ଯେ ସହରର ଗୁରୁତ୍ୱପୂର୍ଣ୍ଣ ଛକ ଜାଗାମାନଙ୍କରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇଥିବା ବେଳେ ଷ୍ଟପ୍ ପ୍ଲେଟ୍ ଧରି ପୁଲିସ୍ ଛିଡ଼ା ହେଲେ ଗାଡ଼ି ଚାଳକଙ୍କୁ ବି ଦିଶୁନି। ଏପରିସ୍ଥଳେ ସମସ୍ତ ପୁଲିସ୍‌ଙ୍କ ପାଇଁ ଆବଶ୍ୟକ କିଛି ହ୍ୟାଣ୍ଡ ଲାଇଟ୍ ବି ମିଳିପାରୁ ନଥିବା ଜଣାପଡ଼ିଛି।



## ହୀରାକୁଦରେ ବିଜେଡିର ମିଶ୍ରଣ ପର୍ବ



ସମ୍ବଲପୁର, ୨୪।୪(ସମିସ): ବିଜେଡି ପକ୍ଷରୁ ହୀରାକୁଦ ସହରସ୍ଥିତ ହୀରାକୁଦ ଜୁନିୟର କଲେଜ ନିକଟରେ ଆଜି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ରୋହିତ ପୂଜାରୀଙ୍କ ଉପସ୍ଥିତିରେ ହୀରାକୁଦ ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଜେପି ମହିଳା ମୋର୍ଚ୍ଚାର ଉପସଭାପତି ଅମ୍ରିତା ପଟ୍ଟନାୟକ, ବିଜେପି ଯୁବ ମୋର୍ଚ୍ଚା ସାଧାରଣ ସମ୍ପାଦକ ସୁଧାଂଶୁ ରାଉତ, ଉପସଭାପତି ମୁନା ଡାକୁଆଙ୍କ ସମେତ ବହୁ ସଂଖ୍ୟାରେ କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ।ଏହି ଅବସରରେ ବିଜୁ ଜନତା ଦଳର ବହୁ କର୍ମୀ ମାନେ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ



ବୁର୍ଲା, ୨୪।୪(ସମିସ): ବର୍ତ୍ତମାନ ଦିନରେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ବୁର୍ଲା ରକ୍ତଭଣ୍ଡାରରେ ରକ୍ତର ଅଭାବ ପରିଲକ୍ଷିତ ହେଉଛି। ଏହି ଖବର ସାମ୍ନାକୁ ଆସିବା ପରେ ଯୁବ-ଛାତ୍ର ବିଜେଡି ପକ୍ଷରୁ ଜରୁରୀକାଳୀନ ରକ୍ତଦାନ ଶିବିର ଆୟୋଜନ କରାଯିବ। ଆସନ୍ତାକାଲି ବୁର୍ଲା ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବ। ଏ ନେଇ ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ଶିବିର ହେବାକୁ ଥିବା ସ୍ଥାନ ନିରୀକ୍ଷଣ କରାଯିବ ସହ ବିସ୍ତୃତ ଆଲୋଚନା କରାଯାଇଛି। ଖରାଦିନ ହୋଇଥିବାରୁ ରକ୍ତଦାତା କିପରି ହଇରାଣ ନହେବେ ସେଉପରେ ଆଲୋଚନା ହୋଇଛି। ଏହି ପ୍ରସ୍ତୁତି ବୈଠକରେ ଯୁବ ବିଜେଡିର ରାଜ୍ୟ କାର୍ଯ୍ୟକାରୀ ସଭାପତି ରାଜେଶ ରାଜ ସ୍ୱାଇଁ, ଜିଲ୍ଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ଯୁବ ନେତା ରାଜୀବ ପୂଜାରୀ, ଜିଲ୍ଲା ଯୁବ ବିଜେଡିର ଉପସଭାପତି ମଞ୍ଜୁ ଓରାମ, ସାଧାରଣ ସମ୍ପାଦକ ଉତ୍ତମ ବାଗ ଉପସ୍ଥିତ ଥିଲେ।

## ଅଟୋଚାଳକ ମହାସଂଘ ସମ୍ବଲପୁର ଶାଖାର ସାଧାରଣ ବୈଠକ




ସମ୍ବଲପୁର, ୨୪।୪(ସମିସ): ଦଲେଇପଡ଼ା କଲ୍ୟାଣ ମଣ୍ଡପଠାରେ ନିଖିଳ ଓଡ଼ିଶା ଅଟୋ ଚାଳକ ମହାସଂଘ ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ଆଜି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଅଟୋ ମହାସଂଘର ରାଜ୍ୟ ଉପସଭାପତି ସୁବାଷ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନିଖିଳ ଓଡ଼ିଶା ଅଟୋ ଚାଳକ ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ପଦ୍ମନ ସାମଲ, ସମ୍ପାଦକ ସନ୍ତୋଷ ସାହୁ, ଜିଲ୍ଲାର ହୀରାଖଣ୍ଡ ଅଟୋ ଆସୋସିଏସନ୍‌ର ପ୍ରତିନିଧି ମହମ୍ମଦ ଅଜିମ, ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଅଟୋ ଚାଳକ ମହାସଂଘର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏଥିରେ ସମ୍ବଲପୁର ବିଧାୟକ ପ୍ରାର୍ଥୀ ରୋହିତ ପୂଜାରୀ ମଧ୍ୟ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସଭାରେ ଅଟୋ ଚାଳକଙ୍କ ସାମାଜିକ ସୁରକ୍ଷା ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବିଶେଷ କରି ପରିବହନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଅଟୋ ଚାଳକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଚାଳକଙ୍କୁ ମଧ୍ୟ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ସବୁ ସୁବିଧା ସୁଯୋଗ ପ୍ରଦାନ ନେଇ ଆଲୋଚନା କରାଯିବା ସହ ଏନେଇ ସ୍ୱତନ୍ତ୍ର ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ସଭାରେ ସମ୍ବଲପୁର ସହରରେ ୨୪ ଗୋଟି ଅଟୋ ଷ୍ଟାଣ୍ଡ ଥିବା ବେଳେ ତାହାକୁ ସ୍ଥାୟୀ ଭାବରେ ଷ୍ଟାଣ୍ଡ କରିବାକୁ ଦାବି କରାଯାଇଛି। ଏହାସହ ଅଟୋ ଚାଳକଙ୍କ ବିଭିନ୍ନ ସମସ୍ୟା ଉପରେ ସଭାରେ ଆଲୋଚନା ହୋଇଥିଲା।

## ପୂର୍ବତଟ ରେଳପଥ: ୯ ଷ୍ଟେସନରେ ଖୋଲିଲା ସ୍ୱଳ୍ପ ମୂଲ୍ୟର ଖାଦ୍ୟ ବିକ୍ରୟ କେନ୍ଦ୍ର

ସମ୍ବଲପୁର, ୨୪।୪(ସମିସ): ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୯ଟି ମୁଖ୍ୟ ଷ୍ଟେସନରେ ଗ୍ରୀଷ୍ମ ସମୟରେ ସ୍ୱଳ୍ପ ମୂଲ୍ୟରେ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ଟିଟିଲାଗଡ଼, ବଲାଙ୍ଗୀର, କଣ୍ଟାବାଞ୍ଜି, ପାଲାସା, ବିଶାଖାପାଟନମ୍, ବିଜୟନଗରମ୍ ଏବଂ ଶ୍ରୀକାକୁଲମ୍ ରେଳ ଷ୍ଟେସନରେ ଯାତ୍ରୀଙ୍କୁ ସ୍ୱଳ୍ପମୂଲ୍ୟ ଖାଦ୍ୟ ଯୋଗାଇ ଦିଆଯାଇଛି। ଭାରତୀୟ ରେଳବାଇ ସହିତ ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) ଯାତ୍ରୀମାନଙ୍କୁ ବିଶେଷ କରି ଅଣସଂରକ୍ଷିତ କୋଚରେ ଥିବା ଯାତ୍ରୀମାନଙ୍କୁ ସ୍ୱଳ୍ପମୂଲ୍ୟ ଭୋଜନ ସେବା ଯୋଗାଇବା ପାଇଁ ପଦକ୍ଷେପ ନେଇଛି। ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମ ମାସରେ ଯାତ୍ରୀମାନଙ୍କ ଯାତାୟାତରେ ବୃଦ୍ଧି ହେବ ବୋଲି ଅନୁମାନ କରାଯାଇଛି। ଭାରତୀୟ ରେଳବାଇରେ ଅଣସଂରକ୍ଷିତ କମ୍ପାର୍ଟମେଣ୍ଟ (ଜେନେରାଲ୍ କ୍ଲାସ୍ କୋଚ୍)ରେ ଯାତ୍ରୀମାନେ




ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକୁ ସ୍ୱୀକୃତି ଦେଇଛି। ଯେଉଁମାନେ ସର୍ବଦା ସୁବିଧାଜନକ ଏବଂ ବଜେଟ୍ ଅନୁକୂଳ ଭୋଜନ ବିକଳ୍ପ ପାଇପାରନ୍ତି ନାହିଁ। ଏହି ପଦକ୍ଷେପ ଏକ ଦ୍ୱୈତ ଆଭିମୁଖ୍ୟ ପ୍ରଦାନ କରୁଛି। ଯାତ୍ରୀଙ୍କ ଆବଶ୍ୟକତା ଅନୁଯାଇ ୨୦ ଟଙ୍କା ଓ ୫୦ଟଙ୍କା ମୂଲ୍ୟରେ ସ୍ନାକ୍ସ ଭୋଜନ ମଧ୍ୟ ଉପଲବ୍ଧ। ଦ୍ୱିତୀୟ ଶ୍ରେଣୀ (ଜିଏସ୍) କୋଚ୍ ନିକଟ କାଉଣ୍ଟରରେ ଉପଲବ୍ଧ କରାଯାଉଅଛି। ଯାତ୍ରୀମାନେ ଷ୍ଟେସନ ବାହାରେ ବିକ୍ରେତା ଓ ଦୋକାନ ଖୋଜିବାକୁ ପଡ଼ିବ ନାହିଁ। ସୁଲଭ ମୂଲ୍ୟରେ ଯାତ୍ରୀମାନେ ଭୋଜନ କ୍ରୟ କରିପାରିବେ। ଗତ ବର୍ଷ ଭାରତୀୟ ରେଳବାଇର ପାଇଲଟ୍ ପ୍ରୋଜେକ୍ଟ ଭାବରେ ପ୍ରାୟ ୫୧ ଟି ଷ୍ଟେସନରେ ଏହି ସେବା ସଫଳତାର ସହ ଉପଲବ୍ଧ କରାଯାଇପାରିଥିଲା। ସଫଳତା ହେବାରୁ ବର୍ତ୍ତମାନ ୧୦୦ରୁ ଅଧିକ ଷ୍ଟେସନରେ ସମୁଦାୟ ୧୫୦ କାଉଣ୍ଟର ଖୋଲାଯାଇଛି। ଆହୁରି ଅଧିକ ଷ୍ଟେସନରେ ଖୋଲାଯିବାକୁ ଯୋଜନା କରାଯାଇଛି।

## ଦୁଇ ମୋବାଇଲ ଲୁଟେରା ଗିରଫ

ସମ୍ବଲପୁର, ୨୪।୪ (ସମିସ): ବରେଇପାଲି ପୁଲିସ ଦୁଇ ମୋବାଲ୍ ଲୁଟେରାଙ୍କୁ ଗିରଫ କରିଛି। କ୍ଷେତରାଜପୁର ଥାନା ପରଦେଶୀପଡ଼ାର ଆକାଶ ସାହୁ ଓ ତିବାରୀଗଳିର ରୋହିତ ବଗର୍ତ୍ତୀଙ୍କୁ ଗିରଫ କରିଛି। ଗତ ୩ ତାରିଖ ଦିନ ଫାଟକ ଅଞ୍ଚଳର ଦୁର୍ଗା ମାଧବ ଦାସ ରେମେଡ଼ ସ୍ଥିତ ଏକ କାର ସୋ'ରୁମ୍ ନିକଟରୁ ବରଗଡ଼କୁ ଯାଉଥିଲେ। ଏହି ସମୟରେ ଏହି ଦୁଇ ଅଭିଯୁକ୍ତ ଆସି ତାଙ୍କ ମୋବାଇଲ ଲୁଟ୍ କରି ନେଇଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ଠାରୁ ୬ଟି ମୋବାଇଲ ଜବତ କରିଛି।

## ସୁସ୍ଥ ବ୍ୟକ୍ତିଙ୍କୁ ଘରେ ପହଞ୍ଚାଇଲେ ସାମାଜିକ କର୍ମୀ



ସମ୍ବଲପୁର, ୨୪।୪(ସମିସ): ବୁର୍ଲା ଭିମସାର ଅସ୍ଥିଶଲ୍ୟ ବିଭାଗରେ ବିଜୟ ସିଂ ନାମକ ଜଣେ ବ୍ୟକ୍ତି ଦୁର୍ଘଟଣା ହୋଇ ଚିକତ୍ସିତ ହେଉଥିଲେ। ତେବେ ସେ ସୁସ୍ଥ ହେବାପରେ ନିଜ ଘରକୁ ଯିବା ପାଇଁ ଅର୍ଥ ନଥିବାରୁ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ସାହୁ ଭିମସାର ଅଧିକ୍ଷକଙ୍କୁ ଲିଖିତ ଭାବରେ ଜଣାଇଥିଲେ। ଏନେଇ ଅଧିକ୍ଷକ ଜିଲ୍ଲା ପ୍ରଶାସନକୁ ଜଣାଇବାରୁ ରେଡକ୍ରସର ସଦସ୍ୟ ନିହାଲ ସିଂଙ୍କ ପରାମର୍ଶରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଦେଇଥିବା ଆମ୍ବୁଲାନ୍ସରେ ମାଗଣାରେ ହେଲ୍ପ ଡେକ୍ସ ମ୍ୟାନେଜର ମୋମିନା ଖାତୁନ ଓ ଆଜିବନ ସଭ୍ୟ ରିଜୱାନ ଅହମଦ ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ସ୍ଥିତ ଘରକୁ ପହଞ୍ଚାଇଥିଲେ।

## ଟିପିଡବ୍ଲ୍ୟୁଓଡିଏଲ୍‌ର ସ୍ୱଷ୍ଟୀକରଣ

ସମ୍ବଲପୁର, ୨୪।୪ (ସମିସ): ଗତକାଲି ସକାଳ ୫ ଟାରୁ ୮ ଟା ବିଦ୍ୟୁତ ଯୋଗାଣ ବନ୍ଦ କରାଯିବାକୁ କହି ୨ ଘଣ୍ଟା ବିଳମ୍ବରେ ବିଦ୍ୟୁତ ଯୋଗାଣ କରିଥିବା ନେଇ ପ୍ରକାଶ ପାଇବା ପରେ ଟିପିଡବ୍ଲୁଓଡିଏଲର କର୍ପୋରେଟ୍ ଯୋଗାଯୋଗ ଏବଂ ସରକାରୀ ସମ୍ପର୍କ ମୁଖ୍ୟ ମନୋଜ ପଟ୍ଟନାୟକ ଏନେଇ ଏକ ସ୍ୱଷ୍ଟିକରଣ ଦେଇ ଜଣାଇଛନ୍ତି ଯେ, ଜନସାଧରଣଙ୍କ ସୁରକ୍ଷା ଦୃଷ୍ଟିରୁ ଅଇଁଠାପାଲି ନିକଟସ୍ଥ ସର୍ଭିସ୍ ରୋଡ଼ରେ ଥିବା ୩୩ କେଭି ବିଦ୍ୟୁତ୍ ତାର କିଛି ଦିନ ପୂର୍ବେ ହୋଇଥିବା କାଳବୈଶାଖୀ ଯୋଗୁଁ ତଳକୁ ଓହଳି ରହିଥିଲା। ଏଣୁ ଏହାକୁ ଆବଶ୍ୟକୀୟ ଉଚ୍ଚତାକୁ ଉଠାଇବା ଅତ୍ୟନ୍ତ ଜରୁରୀ ହୋଇପଡ଼ିଥିଲା। ଏଥି ନିମନ୍ତେ ଅତିକମରେ ୮ରୁ ୧୦ ଘଣ୍ଟା ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରିବା ଆବଶ୍ୟକ ଥିବାବେଳେ ଏହାକୁ ଦୁଇଟି ପର୍ଯ୍ୟାୟରେ କାର୍ଯ୍ୟ ସମ୍ପାଦନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ନିଷ୍ପତ୍ତି ଅନୁଯାଇ, ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁର ସହରରେ ଜାରି ରହିଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟର କାମ କିଛି ଦିନ ପୂର୍ବରୁ ଶେଷ କରାଯାଇଥିଲା। ସେହିପରି ଯୋଜନା ମୁତାବକ, ୨ୟ ପର୍ଯ୍ୟାୟର କାମ ଗତ ୨୩ ତାରିଖ ଦିନ ପ୍ରାତଃ ୫ଟାରୁ ସକାଳ ୮ଟା ସୁଦ୍ଧା ଶେଷ କରାଯିବା ପାଇଁ ଯୋଜନା କରାଯାଇଥିଲା। ଯୋଜନା ମୁତାବକ ବିଦ୍ୟୁତ୍ ସରବରାହକୁ ବିଚ୍ଛିନ୍ନ କରାଯାଇ କାମ ଆରମ୍ଭ କରାଯାଇଥିଲା। କାର୍ଯ୍ୟ ସମ୍ପାଦନ ବେଳେ ଏକ ଉଚ୍ଚ କ୍ଷମତା ସମ୍ପର୍ଣ୍ଣ ହାଇଡ୍ରା ବିଦ୍ୟୁତ୍ ଖୁଣ୍ଟକୁ ସ୍ଥାନାନ୍ତରିତ କରିବା ସମୟରେ ସର୍ଭିସ୍ ରାସ୍ତାର ପାର୍ଶ୍ୱରେ ଥିବା ମାଟିରାସ୍ତାରେ କାଦୁଅରେ ହାଇଡ୍ରାର ଦୁଇଟି ଚକ ଧସେଇ ପଶି ଯାଇଥିଲା। ଯାହା ଫଳରେ କାର୍ଯ୍ୟ ସମ୍ପାଦନ କରିବାରେ ବିଳମ୍ବ ହୋଇଥିଲା। ଏହି ଅନିଚ୍ଛାକୃତ ବିଳମ୍ବ ଯୋଗୁଁ ଗ୍ରାହକମାନଙ୍କୁ ହୋଇଥିବା ଅସୁବିଧା ପାଇଁ ଟିପିଡବ୍ଲୁଓଡିଏଲ୍ ତରଫରୁ ଆମେ ଦୁଃଖ ପ୍ରକାଶ କରୁଅଛୁ। ଏହି ପ୍ରକାର କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ଶ୍ରମଭିତ୍ତିକ କାର୍ଯ୍ୟ ଅଟେ। କାର୍ଯ୍ୟ ଆରମ୍ଭ କରିବା ପରେ କୌଣସି ସମୟରେ କାର୍ଯ୍ୟରେ ଅନିବାର୍ଯ୍ୟ କାରଣ ବଶତଃ ବିଳମ୍ବ ଘଟିଥାଇ ପାରେ।

## ଦିବ୍ୟାଙ୍ଗ, ବରିଷ୍ଠ ନାଗରିକ ଓ କିନ୍ନରଙ୍କୁ ଶୃଙ୍ଖଳିତ ମତଦାନ ଶିକ୍ଷା




ସମ୍ବଲପୁର, ୨୪।୪(ସମିସ): ଗଣତନ୍ତ୍ରର ବିକାଶ ସେତେବେଳେ ହୋଇଥାଏ ଯେତେବେଳେ ସମସ୍ତ ଗୋଷ୍ଠୀର ପ୍ରତିନିଧିତ୍ୱ କରିବା ସହିତ ଅନ୍ତର୍ଭୁକ୍ତ କରାଯାଏ। ଅଧିକ ଅନ୍ତର୍ଭୁକ୍ତୀକରଣ, ଉପଲବ୍ଧତା ଏବଂ ସମସ୍ତ ଭୋଟରଙ୍କ ଅଂଶଗ୍ରହଣ ମାଧ୍ୟମରେ ଏହି ନିର୍ବାଚନକୁ ଗଣତାନ୍ତ୍ରିକ କରିବା ପାଇଁ ପ୍ରୟାସ। ଆଜି ଏସ୍‌ଏମ୍ସି ସମ୍ମିଳନୀ କକ୍ଷରେ ଦିବ୍ୟାଙ୍ଗ ଭୋଟର, ବରିଷ୍ଠ ନାଗରିକ ଓ କିନ୍ନର ପାଇଁ ଶୃଙ୍ଖଳିତ ଭୋଟର ଶିକ୍ଷା ଏବଂ ନିର୍ବାଚନୀ ଅଂଶଗ୍ରହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ପିଡବ୍ଲ୍ୟୁଡି ଭୋଟରମାନେ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ସୁବିଧା ଯଥା- ହ୍ୱିଲ୍ ଚେୟାର ର ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ସେମାନଙ୍କୁ ସହାୟତା କରିବା ପାଇଁ ସ୍ୱେଚ୍ଛାସେବୀଙ୍କ ବ୍ୟବସ୍ଥା, ବୁଥ୍ ମତଦାନ କେନ୍ଦ୍ର ଏବଂ ମତଦାନ କେନ୍ଦ୍ରରୁ ନିଜ ନିଜ ଘରକୁ ମାଗଣାପରିବହନ ବ୍ୟବସ୍ଥା, ଦୃଷ୍ଟିହୀନବ୍ୟକ୍ତିଙ୍କ ପାଇଁ ବ୍ରେଲ ପେପରର ବ୍ୟବସ୍ଥା, ମତଦାନ କେନ୍ଦ୍ରରେ ରାମ୍ପ ସୁବିଧା, ସେମାନଙ୍କ ପାଇଁ ବିଭିନ୍ନ ପ୍ରବେଶ ଦ୍ୱାର ଆଦି ବିଷୟରେ ସୂଚନା ଦିଆଯାଇଛି। କିନ୍ନର ମଧ୍ୟରେ ମତଦାନ ଅଧିକାର ସଚେତନତା ମଧ୍ୟ ସୃଷ୍ଟି କରାଯାଇଥିଲା, ମତଦାନ ମାଧ୍ୟମରେ ସେମାନଙ୍କ ପ୍ରତିନିଧିତ୍ୱର ମୂଲ୍ୟ, ନାମାଙ୍କନ ଏବଂ ମତଦାନ ସମ୍ବନ୍ଧୀୟ ସେମାନଙ୍କ ସମସ୍ୟାର ସମାଧାନ କରାଯାଇଥିଲା। ମତଦାନ ପ୍ରକ୍ରିୟା, ଗୃହ ମତଦାନ, ଇଭିଏମ୍ ଏବଂ ମତଦାନ ଅଧିକାର ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଭିଷେକ କିଷାନ, ଚେତାବାଣୀ ବଡ଼ଇକ, ଥାବିରା ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ଥର ମତଦାତାଙ୍କ ପାଇଁ ଏକ ସ୍ୱିପ୍ କାର୍ଯ୍ୟକ୍ରମ

ସମ୍ବଲପୁର, ୨୪।୪(ସମିସ)

ସମ୍ବଲପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ସହଯୋଗରେ ଆଗାମୀ ସାଧାରଣ ନିର୍ବାଚନ-୨୦୨୪ରେ ଯୁବ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସ୍ୱିପ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱିପ୍ ର ନୋଡାଲ ଅଫିସର ଶୁଭଦୀପ୍ତା ମହାନ୍ତି ଅତିଥି ପରିଚୟ ଏବଂ ସଭା ପରିଚାଳନା କରିଥିଲେ। ସେ ଭାରତର ନିର୍ବାଚନ କମିଶନ ଏବଂ ନିର୍ବାଚନ ପ୍ରକ୍ରିୟାରେ ଏହାର ଭୂମିକା ବିଷୟରେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଏମ୍‌ସି କମିଶନର ବେଦଭୂଷଣ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପଞ୍ଜୀକରଣଠାରୁ ଆରମ୍ଭ କରି ମତଦାନ ପର୍ଯ୍ୟନ୍ତ ନିର୍ବାଚନ ପ୍ରକ୍ରିୟା ସମ୍ପର୍କରେ ସେ ନୂଆ ଭୋଟରଙ୍କୁ ଅବଗତ କରାଇଥିଲେ। ଏପରିକି ନିର୍ବାଚନ ପରିଚାଳନାରେ ବ୍ୟବହୃତ ବିଭିନ୍ନ ନାଗରିକ/ପ୍ରାର୍ଥୀ କେନ୍ଦ୍ରିକ ଆଇଟି ଆପ୍ଲିକେସନ୍ ଯଥା- ସି-ଭିଜିଲ୍ ଆପ୍, ଏନ୍କୋର୍ (ସୁବିଧା) ପୋର୍ଟାଲ, ପ୍ରାର୍ଥୀ ସତ୍ୟପାଠ



ପୋର୍ଟାଲ, ନିଜ ପ୍ରାର୍ଥୀଙ୍କୁ ଜାଣନ୍ତୁ, ଭୋଟର ସେବା ପୋର୍ଟାଲ, ଭୋଟର ହେଲ୍ପଲାଇନ ଆପ୍ ଓ ସକ୍ଷମ ଆପ୍ ବିଷୟରେ କହିଥିଲେ। ରିଟର୍ଣ୍ଣିଂ ଅଫିସର ଉପଜିଲ୍ଲାପାଳ ସଦର ଡା. ପୁଷ୍ପାଞ୍ଜଳି ପଣ୍ଡା ଯୁବକମାନଙ୍କୁ ସେମାନଙ୍କ ଦାୟିତ୍ୱ, ନୈତିକ ମତଦାନ ସମ୍ପର୍କରେ ଅବଗତ କରାଇବା ସହ ପିତାମାତାଙ୍କ ସହ ଭୋଟ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଶେଷରେ ଇଭିଏମ୍ ପ୍ରଦର୍ଶନ କରାଯାଇଥିଲା। ସଚେତନତା ଏବଂ ଦସ୍ତଖତ ଅଭିଯାନ ପାଇଁ ସେଲ୍‌ଫି ବୁଥ୍ ମଧ୍ୟ କରାଯାଇଥିଲା। ସମ୍ବଲପୁର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଡ. ନୃପରାଜ ସାହୁ, ସହକାରୀ ଜିଲ୍ଲାପାଳ ସୁଶାନ୍ତ ନାୟକଙ୍କ ସମେତ ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ।